## ସଡ଼କ ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

ପାଟଣା,(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଚେମେଣା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଚେମେଣା ବଣସାହି ନିକଟରେ ବୁଧବାର ଅପରାହ୍ଣରେ ଭାରସାମ୍ୟ ହରାଇ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଘଟଣାସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସଦର ବ୍ଲକ ଶଙ୍କରପୁର ଗ୍ରାମର ସଞ୍ଜୟ ମହାନ୍ତ।



## ସଂକ୍ଷେପରେ

### ବସ୍ ଧକ୍କାରେ ଯୁବକ ଗୁରୁତର ନେଇ ଉତ୍ତେଜନା

ପଦ୍ମପୁର,୧।୯ (ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ବଜାରରେଗୁରୁବାର ସନ୍ଧ୍ୟାରେ ଏକ ବସ୍ ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଏଡ଼ତାଳ ଗ୍ରାମର ପେଜୁ ଦଳେଇ। ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ଏକ ଘରୋଇ ବସ୍ ବାସୁଦେବପୁର ଅଭିମୁଖେ ଆସୁଥିଲା। ବଜାରଠାରେ ଚାଲି ଚାଲି ଘରକୁ ଯାଉଥିବା ପେଜୁଙ୍କୁ ବସ୍ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ଏହାକୁ ନେଇ ବଜାରରେ ଉତ୍ତେଜନା ଦେଖାଦେଇଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଅଟକାଇ ହୋହଲ୍ଲା କରିଥିଲେ। ଗାଡ଼ି ମାଲିକ ଗୁରୁତର ଯୁବକଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ବସ୍‌କୁ ଛାଡ଼ିଥିଲେ।

### ଜେଏମ୍ଏଫ୍‌ସି ପରିସରରେ ଆଶ୍ରୟସ୍ଥଳ ଉଦ୍‌ଘାଟନ

ତେଲକୋଇ, ୧।୯(ଡି.ଏନ.ଏ.): କେନ୍ଦୁଝର ଜିଲା ତେଲକୋଇ ମୁଖ୍ୟାଳୟର ଜେଏମ୍ଏଫ୍‌ସି କୋର୍ଟ ପରିସରରେ ସାଧାରଣ ଲୋକଙ୍କ ପାଇଁ ଆଶ୍ରୟ ସ୍ଥଳର ଉଦ୍‌ଘାଟନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ଉକ୍ତ ଆଶ୍ରୟସ୍ଥଳୀ ବିଭିନ୍ନ ଗ୍ରାମରୁ ଆସୁଥିବା ଲୋକଙ୍କ ପାଇଁ ଉତ୍ସର୍ଗ କରାଯାଇଥିଲା। ପ୍ରଗତିଶୀଳ ନାଗରିକ ମଞ୍ଚ ପକ୍ଷରୁ ଆର୍ଥିକ ସହାୟତାରେ ଉକ୍ତ ଆଶ୍ରୟସ୍ଥଳୀ ନିର୍ମାଣ କରାଯିବା ସହିତ ଅଞ୍ଚଳର ସାଧାରଣ ଲୋକ ଏଥିରେ ଉପକୃତ ହେବ ପ୍ରଗତିଶୀଳ ନାଗରିକ ମଞ୍ଚ ପକ୍ଷରୁ କୁହାଯାଇଛି। ଏହି ଉତ୍ସବରେ ସ୍ଥାନୀୟ ସରପଞ୍ଚ ରଶ୍ମିତା ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଗତିଶୀଳ ନାଗରିକ ମଞ୍ଚର ଶାଖା ସଭାପତି ଅକ୍ଷୟ ପ୍ରଧାନ, ମଞ୍ଚର ବରିଷ୍ଠ ସଦସ୍ୟ ଲକ୍ଷ୍ମୀଧର ପ୍ରଧାନ, ଅରକ୍ଷିତ ପ୍ରଧାନ, ନିଖିଳ ଚଷା ସମାଜର ସଭାପତି ବିଜୟ କୁମାର ପ୍ରଧାନଙ୍କ ସମେତ ପ୍ରେସ କ୍ଲବର ସଭାପତି ରଞ୍ଜିତ ବିଶାଳ, ଉପସଭାପତି ଅନୁକୂଳ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ଡ୍ରାଇଭର ଦିବସ ପାଳିଲା ସଂଘ

ପାଟଣା,୧।୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଡ୍ରାଇଭର ସଂଘ ତରଫରୁ ସେପ୍ଟେମ୍ବର ୧କୁ ଡ୍ରାଇଭର ଦିବସ ରୂପେ ପାଳନ କରାଯାଇଛି। ମୁଖ୍ୟାଳୟ ସାଧୁପଡାରୁ ଏକ ବିଶାଳ ଶୋଭାଯାତ୍ରାରେ ଡ୍ରାଇଭର ମାନେ ଆନନ୍ଦେଶ୍ୱର ଶିବ ମନ୍ଦିରରେ ପହଞ୍ଚି ସେଠାରୁ ପୁଣି ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ସାଧୁପଡ଼ାରେ ସାଧାରଣ ସଭା କରିଥିଲେ। ସାଧାରଣ ସଭାରେ ବ୍ଲକ ସଭାପତି ସଞ୍ଜୟ ଭୂମିଜ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପସଭାପତି ନାରଣ ଦେଲେଇ, ସମ୍ପାଦକ ଶିବନାଥ ମହାନ୍ତ, ଉପଦେଷ୍ଟା ଗୌରାଙ୍ଗ ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ସଭାରେ ବ୍ଲକର ୩ ଶହରୁ ଉର୍ଦ୍ଧ୍ୱ ଡ୍ରାଇଭରଙ୍କ ସମାଗମ ହୋଇଥିଲା।

### କାର୍ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ବେତନଟୀ,୧।୯(ସ୍ୱ.ପ୍ର.)- ବେତନଟୀ ଥାନା ଅଧୀନ ୧୮ନଂ. ଜାତୀୟ ରାଜପଥ ତୁଳସୀଚଉରାସ୍ଥିତ ପେଟ୍ରୋଲପମ୍ପ ସମ୍ମୁଖରେ ଗୁରୁବାର ସନ୍ଧ୍ୟାରେ କାର ଧକ୍କାରେ ଜଣେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେ ହେଲେ ବଡ଼ଜାମବଣି ଫାଣ୍ଡି ଅଧୀନ ଚିଲବସା ଗ୍ରାମର କୃଷ୍ଣଚନ୍ଦ୍ର ସିଂ। ଚିକିତ୍ସା ପାଇଁ ତାଙ୍କୁ ବାରିପଦା ସ୍ଥିତ ପିଆର୍ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ପୋଲିସ ତଦନ୍ତ ଜାରି ରଖିଛି।

# ଏତଲା ପ୍ରତ୍ୟାହାର କଲେ ସମିତି ସଭ୍ୟା

**ଆନନ୍ଦପୁର,୧।୯(ସ୍ୱ.ପ୍ର.)**

■ବିଧାୟକ- ଜିଲା ପରିଷଦ ସଦସ୍ୟା ମୁହାଁମୁହିଁ ଘଟଣା
■ଆନନ୍ଦପୁରରେ ରାଜନୈତିକ ହଟଚମଟ

କେନ୍ଦୁଝର ଜିଲା ଆନନ୍ଦପୁର ବିଧାୟକ ଭାଗିରଥି ସେଠୀ ଓ ୩ନଂ. ଜୋନ ଭାଜପା ଜିଲା ପରିଷଦ ସଭ୍ୟା ଅସୀମା ମିଶ୍ରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଭିନ୍ନମୋଡ଼ ନେଇଛି। ବିଜେଡି ବିଧାୟକଙ୍କ ବିରୋଧରେ ହୋଇଥିବା ଅଭିଯୋଗ ବଳବତ୍ତର ରହିଥିବାବେଳେ ଜିଲାପରିଷଦ ସଦସ୍ୟା ମିଶ୍ରଙ୍କ ନାଁରେ ଜାତିଆଣ ଆକ୍ଷେପ ଅଭିଯୋଗ କରିଥିବା ଅଭିଯୋଗକାରିଣୀ ତଥା ବିଧାୟକଙ୍କ ଗୋଷ୍ଠୀର ଧକୋଠା ସମିତିସଭ୍ୟା ଯଶୋମତି ଖଟୁଆ ଏତଲା ପ୍ରତ୍ୟାହାର ଲାଗି ଗୁରୁବାର ଆନନ୍ଦପୁର ଏସ୍‌ଡିପିଓଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ହଟଚମଟ ଲାଗି ରହିଛି।

ଅଭିଯୋଗ ପ୍ରତ୍ୟାହାର ସମ୍ପର୍କରେ ସମିତିସଭ୍ୟା ଖଟୁଆଙ୍କୁ ପଚରାଯିବାରୁ ସେ ଅଭିଯୋଗ ସମ୍ପର୍କରେ ଜାଣି ନାହାନ୍ତି। ତାଙ୍କୁ ଖାଲି ଦସ୍ତଖତ କରାଇ ଥାନାରେ ନେଇ ଦେବା ପାଇଁ କୁହାଯାଇଥିବା ଗଣମାଧ୍ୟମ ନିକଟରେ ପ୍ରକାଶ କରିଛନ୍ତି। ଆନନ୍ଦପୁର ଏସ୍‌ଡିପିଓ ଅନୀଲ କୁମାର ବେଉରିଆ କହିଛନ୍ତି, ସମ୍ପୃକ୍ତ ସମିତିସଭ୍ୟା ଦେଇଥିବା ଜାତିଆଣ ଆକ୍ଷେପ ମୂଳକ ଅଭିଯୋଗ ବାବଦରେ ତଦନ୍ତ ଚାଲିଥିଲା, ଏବେ ଏହାକୁ ସେ ପ୍ରତ୍ୟାହାର ପାଇଁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ପ୍ରତ୍ୟାହାର ପତ୍ର ଦାଖଲ ହେବା ପରେ ଘଟଣାର ସତ୍ୟତା କିଛି ନ ଥିବା ସ୍ପଷ୍ଟ ହେଉଛି ବୋଲି ଏସ୍‌ଡିପିଓ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୩୦ ତାରିଖରେ ଆନନ୍ଦପୁର ପଞ୍ଚାୟତ ସମିତି ବୈଠକ ଚାଲିଥିବା ବେଳେ ବିଧାୟକ ସେଠୀ ଓ ଜିଲା ପରିଷଦ ସଦସ୍ୟା ମିଶ୍ରଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଜିଲା ପରିଷଦ ସଦସ୍ୟା ବୈଠକସ୍ଥଳରୁ ଉଠି ଚାଲିଯାଇଥିବା ବେଳେ ବିଧାୟକ ତାଙ୍କୁ ଦୁର୍ବ୍ୟବହାର କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ପରେ ବିଧାୟକଙ୍କ ଗୋଷ୍ଠୀ ପକ୍ଷରୁ ଧକୋଠା ସମିତିସଭ୍ୟା ଖଟୁଆ ଜିଲା ପରିଷଦ ସଭ୍ୟା ମିଶ୍ରଙ୍କ ନାଁରେ ଜାତିଆଣ ଆକ୍ଷେପ ଅଭିଯୋଗ କରିଥିଲେ। ତେବେ ଆଗକୁ ଏହି ବିବାଦୀୟ ଘଟଣା କେଉଁ ମୋଡ଼ ନେଉଛି ତାହା ଦେଖିବାକୁ ବାକି ରହିଲା।

# କାମ ବନ୍ଦ କଲେ ଗ୍ରାମବାସୀ

**କୁଆମରା,୧।୯ (ଡି.ଏନ.ଏ.)**

**ଏକଲବ୍ୟ ଆଦର୍ଶ ବିଦ୍ୟାଳୟ କାର୍ଯ୍ୟ ନିମ୍ନମାନର ଅଭିଯୋଗ**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦାଠାରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଗୃହ ନିର୍ମାଣ ଚାଲିଛି। ତେବେ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ କରି ସ୍ଥାନୀୟ ଗ୍ରାମବାସୀ କାମ ବନ୍ଦ କରାଇ ଦେଇଛନ୍ତି।

୨୦୨୧ ଡିସେମ୍ବରରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଏହି ଆବାସିକ ବିଦ୍ୟାଳୟର ଶିଳାନ୍ୟାସ କରିଥିଲେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ। ୧୫ କୋଟି ଟଙ୍କା ଅଟକଳରେ ଏହି ନୂତନ ବିଦ୍ୟାଳୟର କାର୍ଯ୍ୟ ୨ ବର୍ଷ ମଧ୍ୟରେ ସରିବ ବୋଲି କୁହାଯାଇଥିଲେ ମଧ୍ୟ ଅଦ୍ୟାବଧି ୧୦ ପ୍ରତିଶତ କାର୍ଯ୍ୟ ହୋଇ ପାରିନାହିଁ। ଗତ ୩ମାସ ହେବ ଏହି କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ଠିକାଦାର ସୂଚନା ଫଳକ ବସାଇ ନାହାଁନ୍ତି। ତେବେ ଏହା କେତୋଟି ପର୍ଯ୍ୟାୟରେ ହେବ ଓ କେଉଁ ବିଭାଗ ଏବଂ ଏଥିପାଇଁ କେତେ ଟଙ୍କା ମଞ୍ଜୁର ହୋଇଛି ଏହାର ସୂଚନା ନ ଥିବା ବେଳେ ପୁଣି ଗୃହ କାର୍ଯ୍ୟ ଆରମ୍ଭରୁ ବିଭ୍ରାଟ ଦେଖାଦେଇଛି। ଫାଉଣ୍ଡେସନ କାର୍ଯ୍ୟ ପରେ ବାଲି ଭର୍ତ୍ତି କରିବା ପରିବର୍ତ୍ତେ ମୋରମ ଓ ମାଟି ପକାଯାଇଛି। ତେବେ ଏ ନେଇ ପୂର୍ବରୁ ପ୍ରତିବାଦ ଓ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ତାହାକୁ ସମ୍ପୃକ୍ତ ଠିକାଦାର ବେଖାତିର କରୁଥିବା ଅଭିଯୋଗ ଦର୍ଶାଇ ଗୁରୁବାର ସ୍ଥାନୀୟ ମାଙ୍କଡ଼କେନ୍ଦା ଗ୍ରାମର ୱାର୍ଡ ମେମ୍ବର ନରେନ୍ଦ୍ର ସିଂଙ୍କ ନେତୃତ୍ୱରେ ପୂର୍ବତନ ସମିତି ସଭ୍ୟ ଡମ୍ବରୁଧର ସିଂ, ହାଡିବନ୍ଧୁ ସିଂ, ଭରତ ଚନ୍ଦ୍ର ସିଂ, କୃପାସିନ୍ଧୁ ସିଂ ପ୍ରମୁଖ ଯୁବ ଗୋଷ୍ଠୀ ପହଞ୍ଚି କାର୍ଯ୍ୟକୁ ବନ୍ଦ କରିଥିଲେ। ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଚାରାରୋପଣ, ଟ୍ରାଫିକ୍ ସଚେତନତା



ଡ୍ରାଇଭର ମହାସଂଘ ପକ୍ଷରୁ ଚାରାରୋପଣ କରାଯାଉଛି।

**ବାଲେଶ୍ୱର ଅଫିସ,୧।୯**

**ଡ୍ରାଇଭର ଦିବସ ପାଳିତ**

ଓଡ଼ିଶା ଡ୍ରାଇଭର ମହାସଂଘର ଆହ୍ୱାନକ୍ରମେ ବାଲେଶ୍ୱର ଜିଲା ରେମୁଣା ବ୍ଲକ ଶାଖା ପକ୍ଷରୁ ଡ୍ରାଇଭର ଦିବସ ଉପଲକ୍ଷେ ଚାରାରୋପଣ ଓ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି।

ରେମୁଣା ବ୍ଲକ ଆଡମିନ ଜ୍ଞାନରଞ୍ଜନ ବେହେରା ଓ ମାନସ ମହାପାତ୍ରଙ୍କ ନେତୃତ୍ୱରେ ତେନ୍ତୁଳିଦା ପଞ୍ଚାୟତରେ ଚାରାରୋପଣ ଓ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଜାଗୁଲିସ୍ଥ ମହାସଂଘ କାର୍ଯ୍ୟାଳୟ ପାଖରେ ହୋଇଥିଲା। ତେନ୍ତୁଳିଦା ପଞ୍ଚାୟତ ଆଡମିନ ଅଶ୍ୱିନୀ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଏହି ମହତ କାର୍ଯ୍ୟ ସମ୍ପାଦନ ହୋଇଥିଲା। କାର୍ଯ୍ୟକ୍ରମରେ ରାଜୁ ଜେନା, ପତ୍ରିପାଳ ଆଡମିନ ସରୋଜ୍ ମହାର୍ଣ୍ଣା, ଅରୁଣ ଦାସ, ବଡ଼ପାଳ ଆଡମିନ ମନ୍ମଥ ସେଠୀ, ଅଜିତ ବେହେରା, ନରେନ୍ଦ୍ର ସିଂ ଓ ଦୁର୍ଗାଦେବୀ ଆଡମିନ ମନୋରଞ୍ଜନ ବେହେରା ଓ ବହୁ ସଂଖ୍ୟକ ସଦସ୍ୟ ସହଯୋଗ କରିଥିଲେ।

# ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଧାମନଗର,୧।୯ (ସ୍ୱ.ପ୍ର.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଦଳାଙ୍ଗ ପଞ୍ଚାୟତର ସନ୍ତୋଷପୁର ଗ୍ରାମରେ ମା' ରକ୍ଷାକାଳୀ ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା ଅବସରରେ ବୁଧବାର ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ପ୍ରଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସରପଞ୍ଚ ବିରେନ୍ଦ୍ର ବାରିକ, ଶିକ୍ଷାବିତ୍ ନକୁଳ ଚନ୍ଦ୍ର ସାହୁ, ଉପେନ୍ଦ୍ର ବେହେରା, ସାମାଜିକ କର୍ମୀ ରମାକାନ୍ତ ବେହେରା, ଅଜୟ ମଲ୍ଲିକ, ଭାସ୍କର ଚନ୍ଦ୍ର ଦଳାଇ, ସୁରେନ୍ଦ୍ର ସାହୁ, ଭାସ୍କର ମହାପାତ୍ର, ଉମାକାନ୍ତ ସାହୁ, ପୀତାମ୍ବର ଗୋଚ୍ଛାୟତ ଓ ଅନନ୍ତ ଦଳାଇ ଯୋଗଦେଇ ଯୁବବର୍ଗ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ପରାମର୍ଶ ଦେଇଥିଲେ। ସଂଘର ସଭାପତି ସର୍ବେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଜମି ଚିହ୍ନଟ ପ୍ରକ୍ରିୟାକୁ ବିରୋଧ

**ବେତନଟୀ,୧।୯(ସ୍ୱ.ପ୍ର.)**

**ନିରାଶରେ ଫେରିଲେ ଇଡ୍‌କୋ କର୍ମଚାରୀ**

ମୟୂରଭଞ୍ଜ ଜିଲା ବେତନଟୀ ଉପକଣ୍ଠ ଆମ୍ବଯୋଡ଼ା ମୌଜାରେ ରାଜ୍ୟସରକାରଙ୍କ ଇଡ୍‌କୋ ଜମି ଚିହ୍ନଟ ଲାଗି ଯାଇଥିବା ବିଭାଗୀୟ ଅଧିକାରୀମାନଙ୍କୁ ସ୍ଥାନୀୟ ଲୋକେ ମଙ୍ଗଳବାର ବିରୋଧ କରିଛନ୍ତି। ଫଳରେ ଚିହ୍ନଟ ପ୍ରକ୍ରିୟା ବନ୍ଦ ରହିଥିବା ବେଳେ ଇଡ୍‌କୋ କର୍ମଚାରୀ ନିରାଶରେ ଫେରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଇଡ୍‌କୋ ପକ୍ଷରୁ ଏକ ଘରୋଇ କମ୍ପାନୀକୁ ନୂତନ ପ୍ରକଳ୍ପ ଆରମ୍ଭ ପାଇଁ ଏହି ଜମି ପ୍ରଦାନ କରାଯାଇଛି। ତେବେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି ସହିତ ଏକ ଗ୍ରାମସଭା କରି ଲୋକଙ୍କ ସମସ୍ୟା ତଥା ଦାବି ପୂରଣ ପାଇଁ ପଦକ୍ଷେପ ନ ନେଇ ସିଧାସଳଖ ମାପପ୍ରକ୍ରିୟା ଆରମ୍ଭକୁ ଲୋକେ ବିରୋଧ କରିଥିଲେ। ଇଡ୍‌କୋ ପକ୍ଷରୁ ଆସିଥିବା ଅଧିକାରୀଙ୍କ ସମେତ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବିଡିଓ ସଂଗ୍ରାମ କେଶରୀ ପରିଡ଼ା, ରାଜସ୍ୱ ନିରୀକ୍ଷକ ଜଗନ୍ନାଥ ସିଂଙ୍କ ସମେତ ପୋଲିସ ଫୋର୍ସ ଫେରିଯାଇଥିଲେ। ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ହେମ୍ବ୍ରମ, ସରପଞ୍ଚ ପାନମଣି ମୁର୍ମୁ, ସାମାଜିକ କର୍ମୀ ଅଜୟ ଓଝା, ଛାତ୍ରନେତା ଚିତ୍ତେଶ୍ୱର ବେହେରା, ମନୀଷ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମସଭା କରି ସ୍ଥାନୀୟ ଜନପ୍ରତିନିଧି ଏବଂ ଗ୍ରାମବାସୀଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା ପରେ ଜମି ଚିହ୍ନଟ କରି ଘରୋଇ ସଂସ୍ଥାକୁ ହସ୍ତାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ସ୍ଥାନୀୟ ଦାବି କରିଛନ୍ତି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ବଡ଼ସାହି,୧।୯(ଡି.ଏନ.ଏ.)**

**୧୧୫୦ ଦିବ୍ୟାଙ୍ଗ ପଞ୍ଜୀକୃତ**

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକରେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୦ଟି ପଞ୍ଚାୟତର ୧୧୫୦ ଦିବ୍ୟାଙ୍ଗ ପଞ୍ଜୀକରଣ କରିଥିଲେ। ଏଥିଲାଗି ୨୫ଟି ଷ୍ଟଲ ଖୋଲାଯାଇଥିଲା। ବିଶେଷଜ୍ଞ ଡାକ୍ତରମାନେ ଯୋଗଦେଇ ୧୮୯ ଦୃଷ୍ଟିବାଧିତ, ୮୦ ମାନସିକ ଅନଗ୍ରସର, ୨୨୫ ଶ୍ରବଣବାଧିତ, ୪୬୫ ଅସ୍ଥିଶଲ୍ୟ ଦିବ୍ୟାଙ୍ଗଙ୍କୁ ଚିକିତ୍ସା କରିଥିଲେ। ମୋଟ ୬୮୨ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ୪୦୨ ଜଣଙ୍କୁ ବଡସାହି ତହସିଲ ପକ୍ଷରୁ ଆୟ ପ୍ରମାଣପତ୍ର, ୬ଜଣଙ୍କୁ ଦକ୍ଷତା ପ୍ରମାଣ ପତ୍ର, ୪୮୦ ଜଣଙ୍କୁ ବସ୍‌ପାଶ୍ ପ୍ରଦାନ କରାଯାଇଥିଲା। ସେହିପରି ୧୧ଜଣଙ୍କୁ ବାଣୀଶ୍ରୀ ବୃତ୍ତି, ୧୯୫ଜଣଙ୍କୁ ମଧୁବାବୁ ପେନ୍‌ସନ୍ ଓ ଏବଂ ଡିଆର୍‌ଆଇ ଋଣ ପାଇଁ ୧୩ଜଣ, ଉଚ୍ଚଶିକ୍ଷା ପାଇଁ ୨ଜଣ ଓ ୧୭୨ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଁ ହିତାଧିକାରୀ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବଡସାହି ବ୍ଲକ୍ ଅଧ୍ୟକ୍ଷା ମିନତୀ ସିଂ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ କାଞ୍ଚନ ପ୍ରଧାନ, ଭାରପ୍ରାପ୍ତ ତହସିଲଦାର ସସ୍ମିତା ମୁର୍ମୁ, ଭାରପ୍ରାପ୍ତ ବିଡିଓ ଶରତ କୁମାର ମହାନ୍ତି, ୨୨ନଂ. ଓ ୨୪ନଂ. ଜିଲା ପରିଷଦ ସଦସ୍ୟ ଦଶରଥ ସିଂ ଓ ଜଗନ୍ନାଥ ମଲ୍ଲିକ୍ ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ସନାତନ ବିଜୁଳି, ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବ୍ଲକ୍ ସଭାପତି ତପନ ପତି, ଯୁବ ସଭାପତି ନିହାର ରଞ୍ଜନ ମହାପାତ୍ର, ଜିଲା ସମ୍ପାଦକ ପ୍ରକାଶ ଚନ୍ଦ୍ର ଦଳେଇ, ଜିଲା ସମ୍ପାଦିକା ସୁଭଦ୍ରା ବିନ୍ଧାଣୀ ଓ ମହିଳା ସଭାପତି ଲକ୍ଷ୍ମୀ ସିଂ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କୁ ସେବା ଯୋଗାଇ ଦେଇଥିବା ଦେଖିବାକୁ ମିଳିଥିଲା ।


**CHILIKA DEVELOPMENT AUTHORITY**
PLOT NO.493(P), PALASPALLI,
POKHARIPUT ROAD, BHUBANESWAR-751020
*Phone: 91-674-2591544, Fax: 91-674-2590485, E-mail:- chilika@chilika.com*
No.CAD-1654
**e-PROCUREMENT**
**Re-Tender Call Notice No. 1217/CDA/2022 Dtd.29.08.2022**

| | | | |
|---|---|---|---|
| 01. | Name of the Work | :- | Desiltation of Lead channel in Chilika lake by using Company's cutter suction dredger. |
| 02. | Estimated Cost | :- | Rs.353.806 Lakhs |
| 03. | Period of completion | :- | 12 (Twelve Calendar) Months. |
| 04. | Date & Time of availability of Bid Document in the portal | :- | 05.09.2022 to 26.09.2022 upto 5.00 P.M. |
| 05. | Bid Clarification date | :- | From 05.09.2022 to 09.09.2022 upto 15.00 hours through Online. |
| 06. | Last Date/Time for submission of Bids in the portal. | :- | 26.09.2022 upto 5.00 P.M. |
| 07. | Date of opening of the Bids | :- | On 27.09.2022 at 11.30 A.M. in the O/o the Chief Executive, Chilika Development Authority, Plot No. 493 (P), Palaspalli, Bhubaneswar - 751020 |
| 08. | Name and Address of the Officer Inviting Tender (O.I.T.) | :- | Accounts Officer, Chilika Development Authority, Plot No. 493 (P), Palaspalli, Pokhariput Road, Bhubaneswar - 751020 |

*Further information and other details are available for downloading from the Website e-procurement portal "https://tendersodisha.gov.in". Addendum/Corrigendum if required will be available only in the Website e-procurement portal "https://tendersodisha.gov.in"*

Sd./- Chief Executive, Chilika Development Authority
OIPR-08138/11/0010/2223



NATION TAX MARKET GST
Ph: 0674-2589935, 2588672
Fax: 0674-258 9938,
E-mail: ccbbsr@rediffmail.com/ ccu-exbbr@nic.in

मुख्य आयुक्त का कार्यालय, जीएसटी, केन्द्रीय उत्पाद एवं सीमा शुल्क, भुवनेश्वर जोन
OFFICE OF THE CHIEF COMMISSIONER, GST, CX & CUSTOMS, BHUBANESWAR ZONE
केंद्रीय राजस्व भवन, राजस्व विहार, भुवनेश्वर - 751007, ओड़िशा
C.R. BUILDING, RAJASWA VIHAR, BHUBANESWAR-751007, ODISHA

**NOTICE**

Applications are invited from experienced legal practitioners for drawal of a Regular Panel of Standing Counsels **(03 Senior Standing Counsels and 03 Junior Standing Counsels)** for handling litigations matter related to indirect taxation before the Hon'ble High Court of Orissa and other fora. The details regarding eligibility criteria & other terms and conditions governing the appointment of Standing Counsels shall be are as per the Central Board of Indirect Taxes and Customs Letter F.No. 278A/43/2007-Legal dated 05.12.2007 and F.No. 278A/50/2011-Legal dated 14.09.2012 which is available in the link given below -
www.cbic.gov.in/resources//htdocs-cbec/standing-counsels-guildelines.pdf

The applicants must be registered as an advocate with Orissa High Court and having requisite experience in handling GST, Customs, Central Excise & Service Tax matters and other emerging areas in Antiprofiteering, NCLT, NCLAT, etc., may apply in the prescribed proforma A or A-I by hand or speed/registered post in a sealed cover addressed to **Shri Susanta Kumar Mishra, Deputy Commissioner(Law), Office of the Chief Commissioner, Central GST, Central Excise & Customs, C.R.Building, Rajaswa Vihar, Bhubaneswar, Odisha - 751007**, so as to reach on or before 15.09.2022. The applicants who submit application by hand/in person can collect dated acknowledgement at the time of submission of the application.

Applications received after **18.00 hrs. of 15.09.2022** shall not be entertained. The shortlisted candidates will be called for a interview, on a specified date/ time which will be intimated in due course. The envelope containing the application along with copies or all the requisite documents should be clearly superscribed as **"Application for the post of Senior/Junior Standing Counsel".**

Sd./- (Susanta Kumar Mishra)
Deputy Commissioner (Law-CCO),
CGST, Central Excise & Customs,
Bhubaneswar Zone, Bhubaneswar



**ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** pnb punjab national bank (Together for the better)
Oriental United
**ଗାଡି ବିକ୍ରୟ ନୋଟିସ୍**

ମଣ୍ଡଳ ଶସ୍ତ୍ର କେନ୍ଦ୍ର, ସମ୍ବଲପୁର : ମଣ୍ଡଳ କାର୍ଯ୍ୟାଳୟ,
ବାଲାଜୀ ମିଡ୍‌ଟାଉନ୍, ପ୍ରଥମ ମହଲା, ଦେହେରିପାଲି, ପୋ.: ବୁଢ଼ାରାଜା, ସମ୍ବଲପୁର-୭୬୮୦୦୪

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗାଡିଗୁଡିକ ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର ନିମ୍ନଦର୍ଶିତ ଶାଖା ଦ୍ୱାରା ଜବତ କରାଯାଇ **"ଯେଉଁଠାରେ ଯେପରି ଅଛି ଏବଂ ସେଠାରେ ଯାହା ଅଛି ଭିତ୍ତିରେ"** ବିକ୍ରୟ କରାଯିବା ପାଇଁ ଆଗ୍ରହୀ କ୍ରେତାମାନଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଅଛି। ସଫଳ କ୍ରେତା ବିକ୍ରୟ ଟିକସ ଏବଂ ବୀମା ଦେୟ ବହନ କରିବେ।

| କ୍ର. ନଂ. | ଶାଖାର ନାମ | ଋଣଗ୍ରହୀତାଙ୍କ ନାମ / ଆକାଉଣ୍ଟ ନଂ. / ଋଣ ତାରିଖ | ଗାଡିର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି | ନିଲାମ ସ୍ଥାନ |
|---|---|---|---|---|---|
| ୧. | ସୁନ୍ଦରଗଡ଼ (୩୧୩୩୦୦) | ମହମ୍ମଦ ସାମି ଉଲହାର ରିଜ୍‌ଭି/ ୩୧୩୩୦୦ଏନ୍‌କିଂ୦୦୧୬୩୧୪/ ତା. ୩୦.୦୬.୨୦୨୨ ସୁଦ୍ଧା ବକେୟା ପରିମାଣ: ଟ. ୫,୩୧,୩୬୨.୦୦ + ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ | FORD FIESTA, Engine No.: CR45278, Chasis No.: MAIBXXMRTBCR45278 Vehicle No.: OD-14 Y-0238 | ଟ. ୭୦,୦୦୦/- / ଟ. ୭,୦୦୦/- | ଶାଖା କାର୍ଯ୍ୟାଳୟ: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ସୁନ୍ଦରଗଡ଼ (୩୧୩୩୦୦) ମୋ:୯୭୭୮୬୭୮୫୮୪ |
| ୨. | ସୁନ୍ଦରଗଡ଼ (୩୧୩୩୦୦) | ପଦ୍ମିନୀ ଖୁଣ୍ଟିଆ / ୩୧୩୩୦୦କେଟିଂ୦୦୦୦୦୭୧୦/ ତା. ୩୦.୦୬.୨୦୨୨ ସୁଦ୍ଧା ବକେୟା ପରିମାଣ: ଟ. ୬,୪୯,୩୨୨.୦୦ + ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ | SONALIKA 734 DI, Engine No.: 3100DL53A469334F3, Chasis No. BZQSU472946SM Vehicle No.: OD-16 B-7546 | ଟ. ୧,୦୦,୦୦୦/- / ଟ. ୧୦,୦୦୦/- | |
| ୩. | ଉଦିତନଗର (୦୬୫୯୨୦) | ନକୁଳ ଚନ୍ଦ୍ର ରାଉତ / ୭୬୬୧୦୦କେଟିଂ୦୦୦୦୦୦୩୭/ ତା. ୩୧.୦୭.୨୦୨୨ ସୁଦ୍ଧା ବକେୟା ପରିମାଣ: ଟ. ୬,୪୯,୮୨୫.୮୨ + ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ | MAHINDRA 575 DI, Engine No.: RKNH00261, Chasis No.: RKNH00261 Vehicle No.: OD-14 H-8756 | ଟ.୨,୫୨,୦୦୦/- / ଟ.୨୫,୨୦୦/- | ଶାଖା କାର୍ଯ୍ୟାଳୟ: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ଉଦିତ୍‌ନଗର (୦୬୫୯୨୦) ମୋ:୯୧୨୪୪୩୩୧୩୦ |
| ୪. | ବନ୍ଧବାହାଲ (୪୬୪୫୦୦) | ରମେଶ ରୋହିଦାସ / ୪୬୪୫୦୦କେଟିଂ୦୦୦୦୦୨୪୯/ ତା.୩୦.୦୬.୨୦୨୨ ସୁଦ୍ଧା ବକେୟା ପରିମାଣ: ଟ. ୭,୬୩,୮୫୦.୬୩ + ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ | MAHINDRA 275 DI, Engine No.: RFN105419, Chasis No.: RFN105419 Vehicle No.: OD-23 D-6820 | ଟ.୨,୧୨,୦୦୦/- / ଟ.୨୧,୨୦୦/- | ଶାଖା କାର୍ଯ୍ୟାଳୟ: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ବନ୍ଧବାହାଲ (୪୬୪୫୦୦) ମୋ:୭୦୦୦୭୧୦୫୬୧ |
| ୫. | ବନ୍ଧବାହାଲ (୪୬୪୫୦୦) | ଜୟ ପ୍ରକାଶ ପ୍ରଧାନ / ୪୬୪୫୦୦କେକେଂ୦୦୦୦୦୦୮୨/ ତା.୩୦.୦୬.୨୦୨୨ ସୁଦ୍ଧା ବକେୟା ପରିମାଣ: ଟ. ୭,୬୧,୯୬୯.୬୦ + ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ | POWER TRACK 439, Engine No.: B3161414, Chasis No.: B3161414, Vehicle No.: OD-23 A-7320 / TRAILER OPEN-AJAY ENGG, Chasis No.: AEW80212 Regd No.: OD-23 A-7321 | ଟ.୧,୨୭,୦୦୦/- / ଟ.୧୨,୭୦୦/- | |
| ୬. | ବନ୍ଧବାହାଲ (୪୬୪୫୦୦) | ଲୋଧା ଓରାମ / ୪୬୪୫୦୦କେଟିଂ୦୦୦୦୦୦୧୨/ ତା.୩୦.୦୬.୨୦୨୨ ସୁଦ୍ଧା ବକେୟା ପରିମାଣ: ଟ. ୭,୭୫,୦୦୦.୦୦ + ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ | MAHINDRA TRACTOR, Engine No.: RFN104012, Chasis No.: RFN104012 Vehicle No.: OD-16 B-6647/ TRAILER (OPEN), Chasis No.: NTITT05022016 Regd No.: OD-16 B-6648 | ଟ.୧,୭୦,୦୦୦/- / ଟ.୧୭,୦୦୦/- | |
| ୭. | ମାନେଶ୍ୱର (୨୫୨୦୦୦) | ପ୍ରମୋଦ ମିର୍ଦ୍ଧା / ୨୫୨୦୦୦ଏୟୁ୦୦୦୦୧୧୯୮/ ତା.୩୦.୦୬.୨୦୨୨ ସୁଦ୍ଧା ବକେୟା ପରିମାଣ: ଟ. ୭,୮୯,୪୪୬.୦୦ + ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ | MAHINDRA 475 DI, Engine No.: NHB2KBE0072, Chasis No.: MBNADAJXAHNB00754 Vehicle No.: OD-15 J-7063 | ଟ.୩,୩୦,୦୦୦/- / ଟ.୩୩,୦୦୦/- | ଶାଖା କାର୍ଯ୍ୟାଳୟ: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ମାନେଶ୍ୱର (୨୫୨୦୦୦) ମୋ:୯୯୩୯୫୯୬୩୪୦ |
| ୮. | ମାନେଶ୍ୱର (୨୫୨୦୦୦) | ଗୌରବ କୁମାର ମିଶ୍ର / ୨୫୨୦୦୦ଏୟୁ୦୦୦୦୧୬୭୫/ ତା.୩୦.୦୬.୨୦୨୨ ସୁଦ୍ଧା ବକେୟା ପରିମାଣ: ଟ. ୮,୩୫,୫୯୧.୩୦ + ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ | MAHINDRA 475 DI, Engine No.: NJH4YBE0794, Chasis No.: MBNADAVJAJNJ00642 Vehicle No.: OD-15 M-7553 | ଟ.୩,୬୦,୦୦୦/- / ଟ.୩୬,୦୦୦/- | |
| ୯. | ମାନେଶ୍ୱର (୨୫୨୦୦୦) | ଜଗବନ୍ଧୁ ବର୍ଗରୀ/ ୨୫୨୦୦୦ଏୟୁ୦୦୦୦୦୭୫୭/ ତା.୩୦.୦୬.୨୦୨୨ ସୁଦ୍ଧା ବକେୟା ପରିମାଣ: ଟ. ୮,୧୨,୪୬୪.୦୦ + ପରବର୍ତ୍ତୀ ସୁଧ ଏବଂ ସେବାବଦ ଖର୍ଚ୍ଚ | MAHINDRA 275 DI, Engine No.: NFTC01433, Chasis No.: NFTC01433 Vehicle No.: OD-15 H-3304 | ଟ.୨,୮୦,୦୦୦/- / ଟ.୨୮,୦୦୦/- | |

ନିଲାମ ତାରିଖ ଏବଂ ସମୟ : ତା.୨୮.୦୯.୨୦୨୨ରିଖ, ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା
ଅମାନତ ରାଶି ଦାଖଲର ଅନ୍ତିମ ତାରିଖ: ତା.୨୬.୦୯.୨୦୨୨ରିଖ

ଆଗ୍ରହୀ ପକ୍ଷମାନେ ନିମ୍ନଲିଖିତ ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ପ୍ରସ୍ତାବମାନ ଦାଖଲ କରିପାରିବେ:
୧. ଇଚ୍ଛୁକ ପ୍ରସ୍ତାବଦାତା ତାଙ୍କର ପ୍ରସ୍ତାବକୁ ବନ୍ଦ ଲଫାପାରେ ରଖି ଲଫାପା ଉପରେ "ଗାଡି ନଂ............... ସହିତ ଶାଖାର ନାମ........... କ୍ରୟ ନିମନ୍ତେ ପ୍ରସ୍ତାବ" ଉଲ୍ଲେଖ କରି ସଂପୃକ୍ତ ଶାଖା ଠାରେ **ତା.୨୬.୦୯.୨୦୨୨ରିଖ** ସୁଦ୍ଧା ଦାଖଲ କରିବେ। ପ୍ରସ୍ତାବଗୁଡିକ **ତା.୨୮.୦୯.୨୦୨୨ରିଖରେ** ଖୋଲାଯିବ।
୨. ପ୍ରସ୍ତାବ ସହିତ ଅମାନତ ରାଶି ଡିମାଣ୍ଡ ଡ୍ରାଫ୍ଟ ଆକାରରେ **ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ସମ୍ବଲପୁର** ସପକ୍ଷରେ ପେଠ ଦର୍ଶାଇ ଦାଖଲ କରିବେ।
୩. ଗାଡିକୁ ଶାଖା ପ୍ରବନ୍ଧକଙ୍କ ଠାରୁ ପୂର୍ବରୁ ଅନୁମତି ନେଇ **ତା.୨୬.୦୯.୨୦୨୨ରିଖ** ସୁଦ୍ଧା ଯାଞ୍ଚ କରିପାରିବେ ।
୪. ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ପ୍ରସ୍ତାବର ନିୟମ ଏବଂ ସର୍ତ୍ତାବଳୀକୁ ପରିବର୍ତ୍ତନ / ପରିବର୍ଦ୍ଧନ / ସ୍ଥଗିତ /ବାତିଲ କରିବାର ସମ୍ପୂର୍ଣ୍ଣ ଅଧିକାର ସଂରକ୍ଷିତ ରଖିଛନ୍ତି। ବ୍ୟାଙ୍କ ନିମନ୍ତେ ଉପଲବ୍ଧ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନକୁ ଏହି ନୋଟିସ୍ ପ୍ରତିହତ କରିବ ନାହିଁ।
୫. ସଫଳ ନିଲାମଧାରୀ ବିକ୍ରୟ ଚୂଡାନ୍ତ ହେବା ତାରିଖର **୭ଟି** କାର୍ଯ୍ୟ ଦିବସ ମଧ୍ୟରେ ନିଲାମ ରାଶି (ଅମାନତ ଜମା ବ୍ୟତୀତ) ଦାଖଲ କରିବେ। ଯଦି ସଫଳ ନିଲାମଧାରୀ ଉପରୋକ୍ତ ମତେ ବିକ୍ରୟ ମୂଲ୍ୟ ଦାଖଲ କରିବାରେ ବିଫଳ ହୁଅନ୍ତି ତେବେ ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ସମସ୍ତ ରାଶି ବାଜ୍ୟାପ୍ତି କରାଯିବ।
୬. ସଫଳ ନିଲାମଧାରୀ ରେଜିଷ୍ଟ୍ରେସନ୍ ସମୟରେ ସମସ୍ତ ଦେୟ / ବୀମା (ପ୍ରିମିୟମ ଦେୟ) ବହନ କରିବେ।
୭. ଗାଡି ଥରେ ବିକ୍ରୟ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ମାଲିକାନା ପରିବର୍ତ୍ତନ ପାଇଁ ସମସ୍ତ ଖର୍ଚ୍ଚ କ୍ରେତା ନିଜେ ବହନ କରିବେ।

ଏହି ନୋଟିସ୍ ଦ୍ୱାରା ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କୁ ଜଣାଇ ଦିଆଯାଉଛି କି ୧୫ ଦିନ ମଧ୍ୟରେ ସର୍ବଶ୍ରେଷ୍ଠ ସମ୍ଭାବ୍ୟ ପ୍ରସ୍ତାବ ସହିତ କ୍ରେତାଙ୍କ ବ୍ୟବସ୍ଥା କରିପାରିବେ। ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କୁ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ଗାଡି ସର୍ବୋଚ୍ଚ ନିଲାମଧାରୀକୁ ହସ୍ତାନ୍ତରିତ କରାଯିବ।

ସ୍ଥାନ: ସମ୍ବଲପୁର, ତାରିଖ: ୦୨.୦୯.୨୦୨୨ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ



CLASSIFIED DISPLAY
MORE SPACE • SAME PRICE
TARIFF GST 5%

Best Nutraceuticals And Ayurvedic Product Company In India Atulya Medilink Pvt. Ltd. Invites You For
PCD, Franchisee And Third-party manufacturing Business Opportunity Monopoly Based Right best Quality Production Time Delivery All Over India
Call us: +919211724091 (Domestic), +91885180014 (For Export Enquiry)
Corporate Address: 604, 6th Floor Ring Road Mall, Rohini Sector-3, Delhi-110085
Email: info.atulyamedilink@gmail.com
Website: www.atulyamedilinkpvtltd.com


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଦୁର୍ଘଟଣାରେ ଜଣେ ମୃତ, ୨ ଗୁରୁତର

**ବାରିପଦା ଅଫିସ:** ବାରିପଦା ଉପକଣ୍ଠ ୧୮ନଂ. ଜାତୀୟ ରାଜପଥ ମଞ୍ଚାବନ୍ଧାଠାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ଜଣ ଗୁରୁତର ହୋଇଛନ୍ତି। ମୃତକ ଜଣକ ହେଲେ ମହୁଲିଆ ଗ୍ରାମର ଝୁଲଣ ସିଂ। ସଦର ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି ।



## ସଂକ୍ଷେପରେ

### ଥାନା ନିକଟରେ ବ୍ୟବସାୟୀଙ୍କଠାରୁ ଲୁଟ୍

ଧାମନଗର,୧୧୯(ଡି.ଏନ.ଏ.)-ଭଦ୍ରକ ଜିଲା ଧାମନଗର ଥାନାଠାରୁ ମାତ୍ର ଶହେ ମିଟର ଦୂରରେ ବୁଧବାର ରାତିରେ ଜଣେ ଆଳୁ ବ୍ୟବସାୟୀଙ୍କଠାରୁ ୧ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଲୁଟ୍‌ର ଶିକାର ହୋଇଥିବା ବ୍ୟବସାୟୀ ହେଲେ ଖଡ଼ିପଦା ପଞ୍ଚାୟତ ଦକ୍ଷିଣକୁରୁଆ ଗ୍ରାମର ତପନ କୁମାର ପାତ୍ର। ଧାମନଗରଠାରେ ତାଙ୍କର ଏକ ଆଳୁ ଗୋଦାମ ରହିଛି। ସେ ବୁଧବାର ରାତି ପ୍ରାୟ ୯ଟା ବେଳେ ଗୋଦାମ ବନ୍ଦ କରି ତାଙ୍କର ଏକ ଇ- ସ୍କୁଟିରେ ବ୍ୟାଗ୍‌ରେ ପାଣି ବୋତଲ ଓ ୧ ଲକ୍ଷ ଟଙ୍କା ରଖି ଝିଅ ପାଇଁ ବିସ୍କୁଟ କିଣିବାକୁ ଯାଇଥିଲେ। ସେଠାରୁ ଆସୁଥିବା ବେଳେ ୨ଜଣ ଦୁର୍ବୃତ୍ତ ତାଙ୍କ ଟଙ୍କା ଭର୍ତ୍ତି ବ୍ୟାଗ୍ ଧରି ଏକ ପଲ୍‌ସର ବାଇକ୍‌ରେ ପଳାଇଥିଲେ। ତପନ ଓ ସେଠାରେ ଉପସ୍ଥିତ ଲୋକେ ଧାମନଗର ଥାନାରେ ଜଣାଇବାରୁ ପୋଲିସ ପହଞ୍ଚି ତଦନ୍ତ କରିଥିଲେ ମଧ ଲୁଟେରାଙ୍କ ସୁରାକକ୍ ପାଇପାରି ନାହିଁ। ତେବେ ଏନେଇ ତପନ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ ହେଁ ରିପୋର୍ଟ ଲେଖାହେବା ସୁଦ୍ଧା ମାମଲା ରୁଜୁ କରାଯାଇ ନାହିଁ।

### ୧୧,୬୦୫ ଛାତ୍ର ପାଇବେ ଡିଏମ୍ଏଫ୍ ମେଧାବୃତ୍ତି

କେନ୍ଦୁଝର, ୧୧୯ (ସ୍ୱ.ପ୍ର.): ଚଳିତ ବର୍ଷ କେନ୍ଦୁଝର ଜିଲାର ମାଟ୍ରିକ ପାସ କରିଥିବା ୧୧୬୦୫ ଜଣ ମେଧା ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ପ୍ରତ୍ୟେକ ଛାତ୍ରୀଛାତ୍ର ୪୦ ହଜାର ଟଙ୍କା ଉଚ୍ଚ ଶିକ୍ଷା ପାଇଁ ବୃତ୍ତି ପାଇବେ। ଏବାବଦକୁ ୧୭ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣାପଡିଛି। ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଏହି ବୃତ୍ତି ପ୍ରଦାନ କରାଯିବ ବୋଲି ଜଣାପଡିଛି। ସମସ୍ତ ସରକାରୀ ଓ ବେସରକାରୀ ଅନୁଦାନପ୍ରାପ୍ତ ହାଇସ୍କୁଲର ଛାତ୍ରୀଛାତ୍ର ମାନେ ଏହି ବୃତ୍ତି ପାଇବେ ବୋଲି ସୂଚନା ମିଳିଛି।

### ଭାରସାମ୍ୟ ହରାଇ ବିଲରେ ପଶିଲା ବସ୍



ବିଶୋଇ,୧୧୯(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଧୀନ ୫୦ନଂ. ରାଜ୍ୟ ରାଜପଥର ମଧୁପୁର ଛକ ନିକଟରେ ଗୁରୁବାର ଏକ ଯାତ୍ରୀବାହି ବସ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଡ୍ରାଇଭର ଭାରସାମ୍ୟ ହରାଇବାରୁ ବସ୍‌ଟି ରାସ୍ତାପାର୍ଶ୍ୱ ବିଲ ମଧକୁ ପଶିଯାଇଥିଲା। ଏଥିରେ ଥିବା ଡ୍ରାଇଭର ଓ କଣ୍ଡକ୍ଟରଙ୍କ ସହ ୮ ଯାତ୍ରୀ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି। ଝୁନା ନାମକ ଏହି ବସ୍‌ଟି ରାଇରଙ୍ଗପୁରରୁ ନୂଆଗାଁ ଅଭିମୁଖେ ଆସୁଥିଲା।

### ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ କଲେ ଏମ୍‌ପି, ବିଧାୟକ

ବାସୁଦେବପୁର,୧୧୯(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ବିଭିନ୍ନ ନୂତନ ପ୍ରକଳ୍ପ ବୁଧବାର ଅପରାହ୍ଣରେ ଶିଳାନ୍ୟାସ କରାଯାଇଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ସମସ୍ତ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏମ୍‌ପିଙ୍କ ଉନ୍ନୟନମୂଳକ ପାଣ୍ଠି ବିନିଯୋଗରେ ପୌରପାଳିକାର ଚାଚେରି ଛକଠାରେ ଶହୀଦ ପୀଠ ଇରମକୁ ପ୍ରବେଶ ପଥରେ ଶହୀଦଙ୍କ ଉଦ୍ଦେଶ୍ୟରେ ଏକ ସୁଦୃଶ୍ୟ ସ୍ଥାୟୀ ତୋରଣ ପ୍ରଥମେ ଶିଳାନ୍ୟାସ କରାଯାଇଥିଲା। ଏଠାରେ ଏହି ତୋରଣ ନିର୍ମାଣ ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲା। ସେହିପରି ପାରା ଗ୍ରାମ ନିକଟସ୍ଥ ଶନି ମନ୍ଦିରଠାରେ ଏକ ଗୋଷ୍ଠୀ କେନ୍ଦ୍ରର ଭୂମିପୂଜା ଏବଂ ଏବି ହାଇସ୍କୁଲ ଛକ ଦକ୍ଷିଣପାର୍ଶ୍ୱରେ ବରିଷ୍ଠ ନାଗରିକଙ୍କ ଉଦ୍ଦେଶ୍ୟରେ ମଧ ଏକ ଗୋଷ୍ଠୀ କେନ୍ଦ୍ରର ଶିଳାନ୍ୟାସ କରାଯାଇଛି। ପୌରାଧକ୍ଷା ନିବେଦିତା ବେହେରା, ଏମ୍‌ପିଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଧାୟକ ପ୍ରତିନିଧି ଅସିତ ଦାଶ, ପୂର୍ବତନ ସରପଞ୍ଚ ଭାଗୀରଥି ବଳ, ବ୍ଲକ ବିଜେଡି ସଭାପତି ମାନସ ରଞ୍ଜନ ସାହୁ, ପୂର୍ବତନ କାଉନସିଲର ମାନସ ରଞ୍ଜନ ସାହୁ, ନଗର ବିଜେଡି ସଭାପତି ଶ୍ୟାମସୁନ୍ଦର ମହାନ୍ତି, ସାମାଜିକ କର୍ମୀ ଶୁଭେନ୍ଦୁ ଭୂଷଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଯୁବବର୍ଗଙ୍କ ପ୍ରେରଣା ଶୁଭାଶିଷ

**ଡ୍ରାଗନ ଫ୍ରୁଟ ଫାର୍ମ କରି ହୋଇଛନ୍ତି ରୋଜଗାରକ୍ଷମ**

ମୋରଡ଼ା,୧୧୯(ଡି.ଏନ.ଏ.)



ନିଜ ଫାର୍ମରେ ଶୁଭାଶିଷ ବେରା।

ପେଶାରେ ଇଞ୍ଜିନିୟର। ତଥାପି ସଫଳ ଚାଷୀ ଭାବେ ଯୁବବର୍ଗଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଦୃଢ଼ ଇଚ୍ଛାଶକ୍ତି ବଳରେ ଓଡ଼ିଶାର ସବୁଠୁ ବଡ଼ ଡ୍ରାଗନ ଫ୍ରୁଟ ଫାର୍ମ କରିଛନ୍ତି ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଜୁଆଳିଭଙ୍ଗା ପଞ୍ଚାୟତ ଅନ୍ତର୍ଗତ ମାଇଗାଁର ଶୁଭାଶିଷ ବେରା। ଶୁଭାଶିଷଙ୍କ ମୂଳ ଘର ପଶ୍ଚିମବଙ୍ଗରେ ହୋଇଥିବା ବେଳେ ବର୍ତ୍ତମାନ ସେ ଜୁଆଳିଭଙ୍ଗା ପଞ୍ଚାୟତର ମାଇଗାଁର ବାସିନ୍ଦା ହୋଇଛନ୍ତି। ମେକାନିକାଲ ବିଭାଗରେ ଡିଗ୍ରୀ ଇଞ୍ଜିନିୟର ହୋଇ ସେ ପାରାଦ୍ୱୀପସ୍ଥିତ ଆଇଓସିଏଲରେ କାର୍ଯ୍ୟରତ ଥିଲେ। କିନ୍ତୁ ଚାଷ ପ୍ରତି ତାଙ୍କର ଅହେତୁକ ଆଗ୍ରହ ଥିବାରୁ ଚାକିରି ଛାଡ଼ି ଏକ ନିଆରା ଚାଷ ପାଇଁ ମନ ବଳାଇଲେ। ସାଙ୍ଗସାଥୀ ଓ ସମ୍ପର୍କୀୟଙ୍କଠାରୁ ପରାମର୍ଶ ନେବା ପରେ ଡ୍ରାଗନ ଫ୍ରୁଟ ଚାଷ କରିବାକୁ ମନବଳାଇଲେ।

୨୦୨୧ରେ ମାଇଗାଁଠାରେ ପ୍ରାଥମିକ ପର୍ଯ୍ୟାୟରେ ୨.୫ ଏକର ଜମିରେ ଡ୍ରିପିଙ୍ଗ ଇରିଗେସନ ପ୍ରଣାଳୀରେ ୪୫୦୦ ଡ୍ରାଗନ ଫ୍ରୁଟ ଗଛ ଲଗାଇଥିଲେ। ଏଥିପାଇଁ ଆବଶ୍ୟକ ପଡ଼ିଥିଲା ଏକ ହଜାରରୁ ଊର୍ଦ୍ଧ୍ୱ ସିମେଣ୍ଟ ପୋଲ। ସମ୍ପୂର୍ଣ୍ଣ ପ୍ରାକୃତିକ ଉପାୟରେ ଚାରା ଲଗାଇବାର ୮ରୁ ୯ ମାସ ପରେ ତଥା ସେପ୍ଟେମ୍ବର ମାସରେ ପ୍ରଥମେ ଅଢେଇ କୁଇଣ୍ଟାଲ ଫଳ ଉତ୍ପାଦନ ହୋଇଥିଲା। ପରେ ଫୁଲ ଫୁଟିବାର ମାତ୍ର ଦେଢ଼ ମାସ ମଧରେ ଫଳ ପୁଣି ଉତ୍ପାଦନ ହୋଇଥିବା କୁହନ୍ତି ଶୁଭାଶିଷ। ତେବେ ବର୍ତ୍ତମାନ ସୁଦ୍ଧା ସେ ୫ଟନରୁ ଅଧିକ ଫଳ ଉତ୍ପାଦନ କରିଛନ୍ତି ଓ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆୟ କରିଛନ୍ତି । ଶୁଭାଶିଷ କୁହନ୍ତି, ଉକ୍ତ ଚାଷ କରିବାକୁ ଯଦି କେହି ଆଗ୍ରହ ପ୍ରକାଶ କରନ୍ତି ତେବେ ସେ ମାଗଣାରେ ତାଲିମ ଦେବାକୁ ପ୍ରସ୍ତୁତ। ଚାକିରି ନ ପାଇ ଯେଉଁମାନେ ବେକାରୀ ସମସ୍ୟା ଦେଇ ଗତି କରୁଛନ୍ତି, ଉକ୍ତ ଚାଷ ଅଳ୍ପ ଜାଗା ଓ ସ୍ୱଳ୍ପ ଅର୍ଥରେ ମଧ ଆରମ୍ଭ କରି ରୋଜଗାରକ୍ଷମ ହୋଇପାରିବେ ବୋଲି ସେ କହିଛନ୍ତି ।




ବାଲେଶ୍ୱର ସହରରେ ଲରି କ୍ଲବ ପକ୍ଷରୁ ନନ୍ଦିଘୋଷ ରଥ ଶୈଳୀରେ ନିର୍ମାଣ ହୋଇଥିବା ୭୦ଫୁଟ୍‌ର ଉଚ୍ଚର ତୋରଣ।

## ୨ମୃତଦେହ ଜବତ ଘଟଣା ଉଭୟଙ୍କର ମିଳିଲା ପରିଚୟ

ଆନନ୍ଦପୁର, ୧୧୯(ସ୍ୱ.ପ୍ର.): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ ୫୩ ନଂ ରାଜ୍ୟରାଜପଥର ଚାରିନାଳିଆ ଠାରେ ଗଛରେ ଝୁଲନ୍ତା ଅବସ୍ଥାରେ ଦୁଇ ମୃତଦେହ ବୁଧବାର ସନ୍ଧ୍ୟା ସମୟରେ ପୋଲିସ ଦ୍ୱାରା ଠାବ କରାଯାଇଥିଲା। ଗୁରୁବାର ଦୁଇ ମୃତଦେହକୁ ଜବତ କରାଯାଇ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ମୃତକଙ୍କ ପରିଚୟ ମିଳିବାପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ମୃତକ ଯୁବକ ଆନନ୍ଦପୁର ଥାନା ଦଧୀବାମନପୁର ଗ୍ରାମର କୀର୍ତ୍ତନ ଯେନାଙ୍କ ପୁଅ କମଳାକାନ୍ତ ଯେନା(୨୧) ଏବଂ ମୃତକ ଯୁବତୀ ନନ୍ଦିପଦା ଥାନା ରତକଣା ଗ୍ରାମର ବୁଦ୍ଧିରାମ ଯେନାଙ୍କ ସାନ ଝିଅ ମଲ୍ଲି ଯେନା(୧୭) ବୋଲି ଥାନା ଅଧିକାରୀ ମନୋରଞ୍ଜନ ପ୍ରଧାନଙ୍କ ଠାରୁ ସୂଚନା ମିଳିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୭/୨୦୨୨) ରୁଜୁ କରି ତଦନ୍ତ ଜାରି ରଖିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି। ଉଭୟ ଦୀର୍ଘ ୬ ଦିନ ଧରି ଘରୁ ନିଖୋଜ ରହିଥିଲେ।

## ଗର୍ସଙ୍ଗ ହାଇସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ

**ଶୈକ୍ଷିକ ପରିବେଶକୁ ସୁଦୃଢ଼ କରିଛି ରୂପାନ୍ତରଣ ବ୍ୟବସ୍ଥା**



ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

ଖଇରା, ୧୧୯(ଡି.ଏନ.ଏ.)

ପୂର୍ବତନ ମନ୍ତ୍ରୀ ତଥା ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବୁଧବାର ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗସ୍ଥିତ ରାମଚନ୍ଦ୍ର ହାଇସ୍କୁଲ ୫–ଟି ରୂପାନ୍ତରଣ ତାଲିକାରେ ଅନ୍ତର୍ଭୁକ୍ତ ହେବା ପରେ ବୁଧବାର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ପ୍ରଥମେ ଓଡିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ପୂର୍ବତନ ପ୍ରଧାନ ଶିକ୍ଷକ ଶିବପ୍ରସାଦ ବଳଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୈଖିକ ପରିବେଶକୁ ଅଧିକ ସୁଦୃଢ଼ କରିବାକୁ ନବୀନ ସରକାର ପ୍ରୟାସ ଜାରି ରଖିଛନ୍ତି । ପିଲାମାନେ କିଭଳି ଅଧିକରୁ ଅଧିକ ଫଳ ଲାଭ କରିବେ ଏଥିପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଉଦ୍ୟମ କରିବା ଦରକାର ବୋଲି କହିଥିଲେ। ପ୍ରଧାନଶିକ୍ଷକ ଦେବେନ୍ଦ୍ର କୁମାର ବାରିକ ସ୍ୱାଗତ ଭାଷଣ ଦେବା ଅବସରରେ ବିଦ୍ୟାଳୟରେ ଶିକ୍ଷକ ଅଭାବକୁ ନେଇ ବିଧାୟକଙ୍କ ଦୃଷ୍ଟିଗୋଚର କରିଥିଲେ। ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ସରପଞ୍ଚ ରାଜେନ୍ଦ୍ର ଦାଶ, ସମିତିସଭ୍ୟା ମାଧୁଇ ହେମ୍ବ୍ରମ,ଉପ୍ରା ବିଦ୍ୟାଳୟ କମିଟି ସଭାପତି ଚକ୍ରଧର ଖିଲାର, ପ୍ରାକ୍ତନ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ଦାସ, ମାୟାଧର ମହାପାତ୍ର, ନାରାୟଣ ଚନ୍ଦ୍ର ମହାନ୍ତି, ନାରାୟଣ ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ପିଲାମାନଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା । ପୁରାତନ ଛାତ୍ର ପବିତ୍ରମୋହନ ସାହୁ, ପ୍ରତାପ ବେହେରା, ହରିହର ସେଠୀ ଓ ପବିତ୍ର ଖିଲାର, ନରେନ୍ଦ୍ର ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ୟବସାୟୀଙ୍କଠାରୁ ଲୁଟ୍, ୬ ଗିରଫ

**୧ ଲକ୍ଷ ଟଙ୍କା, ୩ ମାଉଜର ଜବତ**

ରାସଗୋବିନ୍ଦପୁର,୧୧୯(ଡି.ଏନ.ଏ.)

ପଶ୍ଚିମବଙ୍ଗ ଛେଳି ବ୍ୟବସାୟୀଙ୍କଠାରୁ ଲୁଟ ଅଭିଯୋଗରେ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୧ ଲକ୍ଷ ଟଙ୍କା, ୩ଟି ମାଉଜର, ଛୁରି, ମୋବାଇଲ, କଇଁଚି , କଟର ଓ ହାତୁଡ଼ି ଆଦି ଜବତ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ବ୍ୟବସାୟୀମାନେ ବରଗଡ଼ରେ ଛେଳି ବିକ୍ରି କରି ବୁଧବାର ୪ଟି ପିକ୍‌ଅପ୍ ଭ୍ୟାନ ଯୋଗେ ଫେରୁଥିଲେ। ୩ଟି ଗାଡ଼ି ପଳାଇଥିଲା ବେଳେ ଗୋଟିଏ ପିକ୍‌ଅପ୍ ଭ୍ୟାନ ପଛେଇଯାଇଥିଲା। ଭୁବନେଶ୍ୱରରୁ ଏକ କାର୍‌ରେ ଅଭିଯୁକ୍ତମାନେ ଉକ୍ତ ବ୍ୟବସାୟୀଙ୍କ ପିଛା କରି ଆସିଥିଲେ। ରାସଗୋବିନ୍ଦପୁର ଥାନାଠାରୁ ୪କି.ମି. ଦୂର ଅମର୍ଦ୍ଦା ଏୟାରଷ୍ଟ୍ରିପ୍‌ଠାରେ ସେମାନେ ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇବା ସହ ଛେଳି ବ୍ୟବସାୟୀଙ୍କୁ ମାଉଜର ଦେଖାଇ ଟଙ୍କା ଛଡ଼ାଇ ନେଇଥିଲେ। ପିକ୍‌ଅପ୍ ଭ୍ୟାନ୍ ଡ୍ରାଇଭର ଏ ସଂକ୍ରାନ୍ତରେ ରାସଗୋବିନ୍ଦପୁର ଥାନାକୁ ଫୋନ ଯୋଗେ ଜଣାଇବାରୁ ପାଟ୍ରୋଲିଂ କରୁଥିବା ସେକେଣ୍ଡ ଅଫିସର ଜୟନ୍ତ କୁମାର ସେଠୀ ଓ ଅନ୍ୟ କର୍ମଚାରୀ ଅଭିଯୁକ୍ତଙ୍କ କାର୍‌କୁ ପିଛା କରିଥିଲେ। ପରେ ବାଲେଶ୍ୱର ଜିଲା ଅମର୍ଦ୍ଦାରୋଡ୍ ଫାଣ୍ଡିକୁ ସୂଚନା ଦେବାରୁ ଫାଣ୍ଡି ଅଧିକାରୀ ବିକାଶ ସେଠୀ ସଦଳବଳ ସେମାନଙ୍କୁ କାବୁ କରିଥିଲେ। ଏହି ଲୁଟ ଘଟଣାର ମାଷ୍ଟର ମାଇଣ୍ଡ ଭୁବନେଶ୍ୱର ବାଲିଅନ୍ତା ଥାନା ଅଞ୍ଚଳର ସାଗର ଭୋଇ ହୋଇଥିବା ବେଳେ ଅନ୍ୟ ୫ଜଣ ପହାଳ ଥାନା ଅଞ୍ଚଳର ବୋଲି ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାସ ସୂଚନା ଦେଇଛନ୍ତି।

## କାଠ ବୋଝେଇ ଗାଡ଼ି ଜବତ

କୁଳିଅଣା,୧୧୯(ସ୍ୱ.ପ୍ର)

ପଶ୍ଚିମବଙ୍ଗକୁ ଚୋରା ଚାଲାଣ ବେଳେ ବନ ବିଭାଗ ଏକ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଜବତ କରିଛି। ଏହି ଘଟଣାରେ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଗାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ଗିରଫ ବ୍ୟକ୍ତି ଜଣକ ହେଲେ ପଶ୍ଚିମବଙ୍ଗ ଡିକାଟପୁରର ସୁତ୍ ବରୁଣ ରଣା। ଏନେଇ ବନ ବିଭାଗ ପକ୍ଷରୁ ଏକ ମାମଲା(ନଂ. ଓଆର୍–୪୭–ଡି/୨୨–୨୩) ରୁଜୁ ହୋଇଛି। ଦେଉଳି ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ବେହେରା, ବନପାଳ ସୁଶାନ୍ତ କୁମାର ବାଗ, ଚାନ୍ଦୁଆ ବନପାଳ ଆଶିଷ କୁମାର ବେହେରା, ବନରକ୍ଷୀ ବିଜୟ କୁମାର ସେଠୀ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ୬୦ ହଜାର ଟଙ୍କା ହେବ ବୋଲି ବନ ବିଭାଗ କହିଛି।

## ବାଘମରା ବିଦ୍ୟାଳୟରୁ ଚୋରି

ବଡସାହି,୧୧୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ କୋଚିଳାଖୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ବାଘମରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତାଲା ଭାଙ୍ଗି ଚୋରି ହୋଇଛି। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ପରିଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଶ୍ରେଣୀ ଗୃହରୁ ୬ଟି ଫ୍ୟାନ୍ ସମେତ ୬ହଜାର ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗରେ ଦର୍ଶାଯାଇଛି।

## ମା’ ମଙ୍ଗଳ ପାଟଙ୍କ ଜନ୍ତାଳ ଯାତ୍ରା



ମା ମଙ୍ଗଳ ପାଟଙ୍କ ପୂଜା ମଣ୍ଡପସ୍ଥଳ।

ଚମ୍ପୁଆ ୧୧୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ କଳିକାପ୍ରସାଦଠାରେ ଆରାଧ୍ୟା ଦେବୀ ମା’ ମଙ୍ଗଳପାଟଙ୍କ ଜନ୍ତାଳ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାଦ୍ରବ ମାସ ଗୁରୁବାର ପଡୁଥିବା ଏହି ଯାତ୍ରା ଯଥା ରୀତିନୀତି ଓ ବିଧି ଅନୁଯାୟୀ ଅନୁଷ୍ଠିତ ହୋଇଥିବା ବେଳେ ଯାତ୍ରାରେ ସ୍ଥାନୀୟ ପୂଜକ ବା ଦେହୁରୀଙ୍କ ଘରେ ମା’ ମଙ୍ଗଳ ପାଟଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଅପରାହ୍ଣରେ ସ୍ଥାନୀୟ ଗଡନାୟକ ସୁଧା ରାଉତଙ୍କ ନେତୃତ୍ୱରେ ପୂଜକ ଓ ସ୍ଥାନୀୟ ଉପବାସ ବ୍ରତୀମାନେ ମା’ ପାଟଙ୍କୁ ବାଜା, ବାଣ ଓ ସାଜସଜା ମଧ୍ୟରେ ଭକ୍ତିପୂତ ଭାବେ ନିକଟ ପାହାଡରେ ଥିବା ଠାକୁରାଣୀ ଶାଳକୁ ନେଇ ପୂଜାର୍ଚ୍ଚନା କରିଥାନ୍ତି। ଏହି ପୂଜା ରାତି ପର୍ଯ୍ୟନ୍ତ ଚାଲିଥାଏ। ନିସ୍ତବ୍ଧ ରାତିରେ ଗଡନାୟକ ଓ ଦେହୁରୀ ମା’ଙ୍କୁ ଦୈନନ୍ଦିନ ପୂଜା ମଣ୍ଡପକୁ ଫେରାଇ ଆଣିଥାନ୍ତି। ଏହି ଜନ୍ତାଳ ଯାତ୍ରାରେ ବହୁ ମାନସିକଧାରୀଙ୍କ ଆଗମନ ସହ ନିକଟବର୍ତ୍ତୀ ଗ୍ରାମ ଗୁଡିକର ବହୁ ଶ୍ରଦ୍ଧାଳୁଙ୍କର ଆଗମନ ଘଟିଥାଏ। ମା’ଙ୍କ ନିକଟରେ ମାନସିକଧାରୀମାନେ କରିଥିବା ମାନସିକ ପୂଜା ଏହି ଦିନରେ ଦେଇଥାନ୍ତି। ୧୦୧ ଗ୍ରାମର ସମାରୋହରେ କାଳିକାପ୍ରସାଦ ଦଣ୍ଡପାଟରେ ରାଜା ରାଜୁଡା ସମୟରୁ ପାଳିତ ହୋଇ ଆସୁଥିବା ଏହି ପୂଜା ବହୁ ମାହାତ୍ମ୍ୟର ସମ୍ଭାବନା ବହନ କରିଥାଏ।

## ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳରେ ପରିଚାଳନା କମିଟି, ଟାସ୍କଫୋର୍ସ ସଭ୍ୟଙ୍କୁ ତାଲିମ

ଭଦ୍ରକ ଅଫିସ, ୧୧୯

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ବମକୁରା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳଠାରେ ପରିଚାଳନା କମିଟି ଓ ଟାସ୍କଫୋର୍ସ ସଭ୍ୟଙ୍କୁ ନେଇ ୧୧ ଦିନିଆ ତାଲିମ ଶିବିର ଗୁରୁବାର ଆରମ୍ଭ ହୋଇଛି। ଏଥିରେ ବନ୍ୟା ଆଶ୍ରୟସ୍ଥଳ ପରିଚାଳନା, ନଥିପତ୍ର ଓ ଉପକରଣର ରକ୍ଷଣାବେକ୍ଷଣ, ଅନୁସନ୍ଧାନ, ଉଦ୍ଧାର, ପ୍ରାଥମିକ ଚିକିତ୍ସା ବିଷୟରେ ତାଲିମ ପ୍ରଦାନ କରାଯାଉଛି। ପ୍ରଥମ ଦିନରେ ମୁଖ୍ୟଅତିଥି ଭାବେ ଧାମନଗର ବ୍ଲକର ପୂର୍ବତନ ଅଧକ୍ଷ ଅଶୋକ କୁମାର ନାୟକ ଯୋଗ ଦେଇଥିଲେ। ସରପଞ୍ଚ ନରେନ୍ଦ୍ର ନାରାୟଣ ନାୟକ, ଆଶ୍ରୟସ୍ଥଳୀର ସମ୍ପାଦକ ଅଶୋକ କୁମାର ପଣ୍ଡା, ସମିତିସଭ୍ୟାଙ୍କ ପ୍ରତିନିଧି ଭାନୁପ୍ରଭାସ ପଲେଇ, ବମକୁରା ସେବା ସମବାୟ ସମିତି ସଭାପତି ଖୁଦିରାମ ମଲିକ, ସାମାଜିକ କର୍ମୀ କିଷାନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଓସଡମା ପକ୍ଷରୁ ତାଲିମଦାତା କାଳିପଦ ରାୟ ଓ ମଞ୍ଜୁଲତା ସ୍ୱାଇଁ ତାଲିମ ପ୍ରଦାନ କରିଥିଲେ।



ଶିବିରରେ ଉପସ୍ଥିତ ପ୍ରଶିକ୍ଷାର୍ଥୀ।

## ସହର ୩ ଘଣ୍ଟା ଜାମ୍

**ଟ୍ରାଫିକ ନିୟନ୍ତ୍ରଣ ଫେଲ୍**

ବାଲେଶ୍ୱର ଅଫିସ, ୧୧୯



ଏଡିଏମ୍ ଛକରେ ଟ୍ରାଫିକ୍ ଜାମ୍‌ରେ ଫଶିଥିବା ଲୋକେ।

ବାଲେଶ୍ୱର ସହରରେ ଶ୍ରୀଗଣେଶଙ୍କ ପୂଜା ଅବସରରେ ପ୍ରଶାସନ ପକ୍ଷରୁ ନିଆଯାଇଥିବା ଟ୍ରାଫିକ୍ ନିୟନ୍ତ୍ରଣ ପଦକ୍ଷେପ ସମ୍ପୂର୍ଣ୍ଣ ଫେଲ୍ ମାରିଥିଲା। ସହର ପ୍ରତ୍ୟେକ ଛକରେ ଟ୍ରାଫିକ୍ ଜାମ୍ ପରିସ୍ଥିତି ଦେଖାଦେଇଥିଲା। ପ୍ରାୟ ସନ୍ଧ୍ୟା ୭ଟାରୁ ରାତି୧୦ଟା ପର୍ଯ୍ୟନ୍ତ ବାଇକ୍ ଓ ଚାରିଚକିଆ ଯାନ ଗୋଟିଏ ସ୍ଥାନରେ ଛିଡ଼ା ହୋଇ ରହିଥିଲେ। ସହର ଭିତରେ ଘର କରି ରହିଥିବା ଲୋକମାନେ ଯା’ଆସ କରିବା ଏକପ୍ରକାର ବନ୍ଦ ହୋଇଯାଇଥିଲା।

ସହରର ୧୨୭ ମଣ୍ଡପରେ ଗଣେଶ ପୂଜା ଆୟୋଜନ କରାଯାଇଛି। ବାଲେଶ୍ୱର ସିନେମା ଛକ ସିଦ୍ଧି ବିନାୟକ ମନ୍ଦିର, ଡାକ୍ତରଖାନା ରୋଡ୍‌ରେ ଭିନ୍ନ ଭିନ୍ନ ପ୍ରକାର ମୂର୍ତ୍ତି ଏବଂ ଆଧୁନିକ ସାଜସଜ୍ଜା ହୋଇଥିବା ବେଳେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମିଥିଲା। ସିନେମା ଛକ ଓ ଫକୀରମୋହନ ଗୋଲେଇ ଲରି କ୍ଲବ ପକ୍ଷରୁ ଗଜାନନଙ୍କ ଷୋଡ଼ଶ ପୂଜା ଅନୁଷ୍ଠିତ ହୋଇଥିଲା। ଲରି କ୍ଲବର ସାଜସଜ୍ଜା ପଶ୍ଚିମବଙ୍ଗ କାରିଗରଙ୍କ ଦ୍ୱାରା ନନ୍ଦିଘୋଷ ରଥ ଶୈଳୀରେ ୭୦ଫୁଟ୍‌ର ତୋରଣ ନିର୍ମାଣ କରାଯାଇଥିଲା। ସେହିପରି ୭୩କେଜି ଧଳା ରାଶି ବ୍ୟବହାର କରାଯାଇ ୨୨ଫୁଟ୍‌ର ଗଣେଶ ମୂର୍ତ୍ତି ନିର୍ମାଣ କରାଯାଇଥିବାରୁ ଶ୍ରଦ୍ଧାଳୁ ଏହି ମୂର୍ତ୍ତିକୁ ଦେଖିବା ପାଇଁ ଭିଡ଼ ଲଗାଇଥିଲେ। ଟାଉନହଲସ୍ଥିତ କ୍ଲବ ପାରାଡ଼ାଇଜ୍ ଓ ମୋତିଗଞ୍ଜ ଚୌକ୍‌ବଜାରସ୍ଥିତ ବଏଜ୍‌କ୍ଲବର ୨୫ବର୍ଷ ପୂର୍ତ୍ତି ଅବସରରେ ଧୁମ୍‌ଧାମ୍‌ରେ ପାଳନ ହେଉଛି ରୌପ୍ୟଜୟନ୍ତୀ ଉତ୍ସବ। କରୋନା କଟକଣା ପାଇଁ ଦୀର୍ଘ ୨ବର୍ଷ ଧରି ପୂଜା ବନ୍ଦ ଥିବା ବେଳେ ଚଳିତବର୍ଷ ଅନୁମତି ମିଳିଥିବାରୁ ବିଭିନ୍ନ କମିଟି ପକ୍ଷରୁ ଦେଖାଦେଇଥିବା ଉତ୍ସାହ ଓ ଉଦ୍ଦୀପନାକୁ ଲକ୍ଷ୍ୟ ରଖି ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ଏବଂ ଟ୍ରାଫିକ୍ ବ୍ୟବସ୍ଥା ନିୟନ୍ତ୍ରଣ ପାଇଁ ଗତ ଅଗଷ୍ଟ ୨୨ ତାରିଖରେ ଜିଲାପାଳ ବିଭିନ୍ନ ପୂଜା କମିଟି ସଦସ୍ୟ ଓ ଜିଲା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେଥିନିମନ୍ତେ ଆଇନଶୃଙ୍ଖଳା ବଜାୟ ରଖିବା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଜଣେ ଅତିରିକ୍ତ ଏସ୍‌ପି, ୭ଜଣ ଡିଏସ୍‌ପି, ୮ଜଣ ଇନ୍ସପେକ୍ଟର, ୬୨ଜଣ ସବ୍ ଇନ୍ସପେକ୍ଟର/ଏଏସ୍‌ଆଇ, ୧୨ ପ୍ଲାଟୁନ ଫୋର୍ସ, ୮୬ଜଣ କନଷ୍ଟେବଳ/ହାବିଲଦାର, ୮ଜଣ ଟ୍ରାଫିକ୍ କନଷ୍ଟେବଳ, ୧୯୦ହୋମ୍‌ଗାର୍ଡଙ୍କ ଅଗଷ୍ଟ ୩୧ରୁ ଆସନ୍ତା ସେପ୍ଟେମ୍ବର ୬ତାରିଖ ପର୍ଯ୍ୟନ୍ତ ନିୟୋଜିତ କରାଯାଇଛି। ଏହାସତ୍ତ୍ୱେ ମଧ ପ୍ରଥମ ଦିନରେ ସହରରେ ୩ ଘଣ୍ଟା ଟ୍ରାଫିକ୍ ଜାମ୍ ହୋଇଥିଲା।

## ସଂକ୍ଷେପରେ

### ବିଜୁ ମହିଳା ଜନତା ଦଳର ରାଜ୍ୟ ଉପଦେଷ୍ଟା ହେଲେ ଏମ୍‌ପି ମଞ୍ଜୁଳତା

ପଦ୍ମପୁର, ୧୯ (ଡି.ଏନ.ଏ.)-ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ମହିଳା ଜନତା



ଦଳର ନୂତନ ଜିଲା ସଭାପତି ଓ ରାଜ୍ୟ ଅଫିସ୍‌ର ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ଭଦ୍ରକ ଏମ୍‌ପି ମଞ୍ଜୁଳତା ମଣ୍ଡଳଙ୍କୁ ଦଳର ରାଜ୍ୟ ଉପଦେଷ୍ଟା ଭାବେ ନିଯୁକ୍ତି ଦେଇଛନ୍ତି। ଏନେଇ ଏମ୍‌ପି ମଣ୍ଡଳ ଓ ଭଦ୍ରକ ଲୋକସଭା ନିର୍ବାଚନମଣ୍ଡଳୀର ସମସ୍ତ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ପୋଖରୀରୁ ମୃତଦେହ ଜବତ
#### ପୂର୍ବ ଶତ୍ରୁତାରୁ ହତ୍ୟା ଅଭିଯୋଗ

ସୋର, ୧୯(ଡି.ଏନ.ଏ.)-ବାଲେଶ୍ୱର ଜିଲା ସୋର ଥାନା ଅଧୀନ ଅନନ୍ତପୁର ଫାଣ୍ଡି କାନପୁର ଗ୍ରାମର ନୃସିଂହ ସାହୁ(୫୫)ଙ୍କର ମୃତଦେହ ଗୁରୁବାର ସକାଳେ ଏକ ପୋଖରୀରୁ ଜବତ କରାଯାଇଛି। ଗତ ସୋମବାରଠାରୁ ସେ ନିଖୋଜ ଥିଲେ। ତାଙ୍କ ମୃତଦେହ ଘର ପଛ ପାଖ ପୋଖରୀରେ ଭାସୁଥିବା ଦେଖି ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ନୃସିଂହଙ୍କ ମୃତଦେହ ଉଦ୍ଧାର କରି ମାମଲା ରୁଜୁ ପରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଜେଲ୍ ଫେରନ୍ତା ଅଭିଯୁକ୍ତ ନୃସିଂହଙ୍କୁ ହତ୍ୟା କରିଥିବା ତାଙ୍କ ପୁତୁରା ଗଜେନ୍ଦ୍ର ଅନନ୍ତପୁର ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଏହି ଜେଲ ଫେରନ୍ତା ଯୁବକ ଜେଲ ଯିବା ପୂର୍ବରୁ ତାଙ୍କୁ ଜେଲରୁ ଫେରିଲେ ହତ୍ୟା କରିବେ ବୋଲି କହିଥିଲେ। ଅଭିଯୋଗ ପାଇ ପୋଲିସ ଘଟଣାର ତଦନ୍ତ କରୁଛି।

### ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ

ଭଣ୍ଡାରିପୋଖରୀ, ୧୯ (ସ୍ୱ.ପ୍ର.)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନେରଡ଼ା ପଞ୍ଚାୟତ ଯଶୋଟିକିରି ସୁବର୍ଣ୍ଣମୁଖୀ ବିଦ୍ୟାଳୟଠାରେ ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ପ୍ରଧାନଶିକ୍ଷକ ସଞ୍ଜୟ କୁମାର ନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରପଞ୍ଚଙ୍କ ପ୍ରତିନିଧି ଶରତ କୁମାର ଜେନା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୃପାସିନ୍ଧୁ ପୃଷ୍ଟି, ସାଧନକେନ୍ଦ୍ର ସଂଯୋଜକ ପୁଷ୍ପକ ଚନ୍ଦ୍ର ଭାରତୀ ପ୍ରମୁଖ ଯୋଗ ଦେଇଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ରାଜେନ୍ଦ୍ରପୁର ପଞ୍ଚାୟତ ଦେଓପଦା ବିଦ୍ୟାଳୟଠାରେ ମୁଖ୍ୟଅତିଥି ଭାବେ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝି ଓ ନାଆମୀ ସମବାୟ ସମିତି ପରିଚାଳନା କମିଟି ସଭ୍ୟ ବିନୋଦ ବିହାରୀ ରାଉତ ଯୋଗଦେଇ ଛାତ୍ରୀଛାତ୍ରୀଙ୍କୁ ପୋଷାକ ବିତରଣ କରିଥିଲେ।

# ସମୀକ୍ଷା କଲେ ସ୍ୱାସ୍ଥ୍ୟ ଅଧିକାରୀ

**ଡାକ୍ତରଖାନାରେ ତାଲା ପଡ଼ିବା ଘଟଣା**

କୁଆମରା,୧୯(ଡି.ଏନ.ଏ.)

ବଜ୍ରପାତରେ ଗୁରୁତରଙ୍କ ଚିକିତ୍ସା ହୋଇ ନ ପାରିବା କାରଣରୁ ଉତ୍ତ୍ୟକ୍ତ ଲୋକେ ଗତ ୨୭ ତାରିଖରେ ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ ଅଧୀନ ସାଇଁକୁଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଖୁଣ୍ଟା ଡାକ୍ତରଖାନାର ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା.ସାକିଲା ମୁର୍ମୁଙ୍କ ନିର୍ଦ୍ଦେଶ କ୍ରମେ ଜଣେ ଡାକ୍ତର ପହଞ୍ଚି ଉତ୍ତେଜିତ ଲୋକମାନଙ୍କୁ ବୁଝାସୁଝା କରିବା ପରେ ତାଲା ଫିଟିଥିଲା। ପରେ ଡାକ୍ତର ମୁର୍ମୁ ସାଇଁକୁଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଅଞ୍ଚଳବାସୀଙ୍କ ସହ ସମୀକ୍ଷା ବୈଠକ କରି ଫେରିଛନ୍ତି।

ବୈଠକରେ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସତ୍ୟଜିତ ଦାସ, ବିପିଏମ୍ ଅନୁଭବ ପଟ୍ଟନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମାନସ ରଞ୍ଜନ ମହାରଣା, ବରିଷ୍ଠ ନାଗରିକ ମଞ୍ଚର ସଭାପତି ସନାତନ ଜେନା, ସମ୍ପାଦକ ଗୌରଚନ୍ଦ୍ର ଦାସ, ଭଗବାନ ନାୟକ, ଅଜୟ କୁମାର ସାହୁ, ବଳରାମ ଦେହୁରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ସହ ଏ ନେଇ ଡାକ୍ତର ମୁର୍ମୁ ଆଲୋଚନା କରି ସପ୍ତାହର ଦୁଇରୁ ତିନି ଦିନ ଜଣେ ଡାକ୍ତରଙ୍କୁ ସାଇଁକୁଲା ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ସାଇଁକୁଲା ଗ୍ରାମରେ ବଜ୍ରପାତ ଯୋଗୁ ଗୋଟିଏ ଛେଳି ଓ ଏକ ଗାଈର ମୃତ୍ୟୁ ହେବା ସହ ୪ଜଣ ବ୍ୟକ୍ତି ଗୁରୁତର ହୋଇଥିଲେ। ଆହତ ବ୍ୟକ୍ତିମାନଙ୍କୁ ଚିକିତ୍ସା ପାଇଁ ସାଇଁକୁଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ମାତ୍ର ଡାକ୍ତରଖାନାରେ ଦୀର୍ଘ ଦିନ ଧରି ଡାକ୍ତର ନ ଥିବା ବେଳେ କାର୍ଯ୍ୟରତ ଫାର୍ମାସିଷ୍ଟ ଅନୁପସ୍ଥିତ ଥିଲେ। ଫଳରେ ୨ଜଣଙ୍କୁ ଉଦଳା ଓ ଅନ୍ୟ ୨ଜଣଙ୍କୁ କୁଆମରା ଡାକ୍ତରଖାନା ପଠାଯାଇଥିଲା। ଏହାର ପ୍ରତିବାଦରେ ଗ୍ରାମବାସୀ ଏକାଠି ହୋଇ ଡାକ୍ତରଖାନାରେ ତାଲା ପକାଇ ଦେଇଥିଲେ।

# ସମାଜସେବା ଦ୍ୱାରା ରାଷ୍ଟ୍ରର ବିକାଶ ସମ୍ଭବ
## ଲାୟନ୍ସ କ୍ଲବର ପ୍ରତିଷ୍ଠା ଦିବସ

ରୂପସା, ୧୯(ଡି.ଏନ.ଏ.)

ବାଲେଶ୍ୱର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ବସ୍ତା ଲାୟନ୍ସ କ୍ଲବର ୧୫ତମ ପ୍ରତିଷ୍ଠା ଦିବସ କଟିପୋଲସ୍ଥିତ କଲ୍ୟାଣ ମଣ୍ଡପ ସମ୍ମିଳନୀ କକ୍ଷରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କ୍ଲବ ପୂର୍ବତନ ସଭାପତି ପ୍ରଶାନ୍ତ କୁମାର ମହାନ୍ତି ଉତ୍ସବରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରତିଷ୍ଠାତା ଭଗବାନ ଗୁପ୍ତା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ଆରସି ମମତା ଦାସ, ମନୀଷା ଦାସ, ବାଲେଶ୍ୱର ଉମଙ୍ଗର ସଭାପତି ବନିତା ମହାନ୍ତି, କ୍ରିଷ୍ଣାଦାସ, ଜୋନ୍ ଚେୟାରମ୍ୟାନ୍ ନବୀନ କୁମାର ପାତ୍ର ପ୍ରମୁଖ ମଞ୍ଚାସୀନ ହୋଇ ଯୁବସମାଜ ନିଜକୁ ସମାଜସେବାରେ ନିୟୋଜିତ କଲେ ରାଷ୍ଟ୍ରର ବିକାଶ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ।

ନୂତନ ସଭାପତି ଭାବେ ଅବସରପ୍ରାପ୍ତ ପୋଲିସ ଅତିରିକ୍ତ ଏସ୍‌ପି ଅସିତ୍ କୁମାର ମହାନ୍ତି ଓ ସମ୍ପାଦକ ଭାବେ ସାମାଜିକ କର୍ମୀ ସୁମନ୍ତ କୁମାର ଜେନାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ନୂତନ ସଦସ୍ୟ ଭାବେ ସାମାଜିକ କର୍ମୀ ଦିଲ୍ଲୀପ କୁମାର ମହାନ୍ତି, ଶୁଭ୍ରାଂଶୁ କୁମାର ଦାସ ଓ ନବେନ୍ଦୁ ପ୍ରଧାନଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ସମ୍ପାଦକ ଅମର କୁମାର ପାଳ ବାର୍ଷିକ ବିବରଣୀ ପାଠ କରିଥିଲେ। କ୍ଲବ କ୍ୟାବିନେଟ ମେମ୍ବର ବାସୁଦେବ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। କ୍ଲବ କ୍ୟାବିନେଟ ମେମ୍ବର ସତ୍ୟନାରାୟଣ କର୍ଣ୍ଣାନୀ, ସତ୍ୟ ନାରାୟଣ ଗୁପ୍ତା, ସୁନୀଲ କର୍ଣ୍ଣାନୀ, ବିଜୟ କୁମାର ପରିଡ଼ା, ଇନ୍ଦ୍ରଜିତ ଘୋଷ, ନବେନ୍ଦୁ ପ୍ରଧାନ ଓ ନିରଞ୍ଜନ ସାମଲ ପ୍ରମୁଖ ପରିଚାଳନା କରିଥିଲେ। ସୁଶୀଲ କୁମାର କର୍ଣ୍ଣାନୀ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ କ୍ଲବ କର୍ମକର୍ତ୍ତା।

# ବର୍ଷା ବିପ୍ରାତ: ୭,୩୧୨ ଲୋକ ପ୍ରଭାବିତ

ବାରିପଦା ଅଫିସ,୧୯

ଗତ ଲଘୁଚାପ ଜନିତ ଲଗାଣ ବର୍ଷା ଓ ବନ୍ୟାରେ ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏ ନେଇ ଜିଲା ପ୍ରଶାସନ ପକ୍ଷରୁ କ୍ଷୟକ୍ଷତିର ସମ୍ପୂର୍ଣ୍ଣ ଆକଳନ କରାଯାଇ ବିସ୍ତୃତ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ଏହି ରିପୋର୍ଟ ଅନୁଯାୟୀ, ଜିଲାର ୨୬ଟି ବ୍ଲକରେ ଥିବା ୫୧୯ଟି ଗ୍ରାମର ୭ହଜାର ୩୧୨ ଲୋକ ପ୍ରଭାବିତ ହୋଇଛନ୍ତି । ୨ହଜାର ୪ହେକ୍ଟର ଚାଷ ଜମିର ଫସଲ ନଷ୍ଟ ହୋଇଥିବା ବେଳେ ୧ହଜାର ୭୪ଟି ଘର ଭାଙ୍ଗିଛି । ସେଥିମଧ୍ୟରୁ ଗୋଟିଏ ଘର ସମ୍ପୂର୍ଣ୍ଣ ଭାଙ୍ଗିଥିବା ବେଳେ ୪ଟି ଆଂଶିକ, ୧୦ଟି ମଧ୍ୟମ ଧରଣର ଓ ୧ହଜାର ୭ଟି ଅଳ୍ପ ଧରଣର ଓ ୫୨ଟି ଗୁହାଳ ଘର ଭାଙ୍ଗିଛି। ଗୋଟିଏ ଗୃହ ପାଳିତ ପଶୁ ମୃତ୍ୟୁ ବରଣ କରିଥିବା ବେଳେ କାନ୍ଥ ପଡ଼ି ୫ ଶିଶୁଙ୍କ ମୃତ୍ୟୁ ହୋଇଥିବା ସରକାରୀ ରିପୋର୍ଟରୁ ଜଣାପଡ଼ିଛି । ତେବେ ଜିଲାରେ ମୋଟ ୧୦ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ କାନ୍ଥ ପଡ଼ି ବିଶୋଇ ଓ ଗୋପବନ୍ଧୁନଗର ବ୍ଲକର ୨ଜଣ ଲେଖାଏ ଶିଶୁ, ବାରିପଦା ରଘୁନାଥପୁର ଅଞ୍ଚଳର ଜଣେ ଶିଶୁ ଏବଂ କପ୍ତିପଦା ଅଞ୍ଚଳରେ କାନ୍ଥପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେହିପରି ବିଶୋଇ, ବଡ଼ସାହି, ବାଙ୍ଗିରିପୋଷି ଓ ବେତନଟୀ ବ୍ଲକର ଜଣେ ଲେଖାଏ ପାଣିରେ ଭାସି ମୃତ୍ୟୁବରଣ କରିଛନ୍ତି। ମୃତ୍ୟୁ ଜନିତ ରିପୋର୍ଟ ପ୍ରସ୍ତୁତର ବ୍ୟାପକ ତ୍ରୁଟି ଥିବା ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି।

# 'ବାଉଁଶ ହସ୍ତଶିଳ୍ପ ଦ୍ୱାରା ସ୍ୱାବଲମ୍ବୀ ହୋଇପାରିବେ ମହିଳା'

**ଭଦ୍ରକ ଅଫିସ, ୧୯:** ଭଦ୍ରକ ଜିଲା ବନ୍ତ ବ୍ଲକ ଚାରିଗାଁଠାରେ ହସ୍ତଶିଳ୍ପ ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଓଡ଼ିଶା ସରକାରଙ୍କ ଆନୁକୂଲ୍ୟରେ ବାଉଁଶ ଶିଳ୍ପୀ ଶ୍ରୀକାନ୍ତ ଜେନାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କର୍ମଶାଳାରେ ରାଜ୍ୟ ଶିଳ୍ପୀ ମହାସଂଘର ସଭାପତି ଉଦୟ ନାରାୟଣ ମହାନ୍ତି, ଜିଲା ହସ୍ତଶିଳ୍ପ ସହ ଅଧିକାରୀ ଅରୁଣ ମଣ୍ଡଳ, ଜିଲା ହସ୍ତଶିଳ୍ପୀ ସଂଘ ସଭାପତି ଆନନ୍ଦ ଚରଣ ନାୟକ ଓ ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ବାଉଁଶ ଶିଳ୍ପୀ ସରୋଜିନୀ ଦାସ ଯୋଗ ଦେଇଥିଲେ। ବାଉଁଶରେ ତିଆରି ବିଭିନ୍ନ ସରଞ୍ଜାମ ଉପରେ ଶିଳ୍ପୀମାନଙ୍କୁ ତାଲିମ ଦେବା ସହ ମହିଳାମାନେ ଏହାଦ୍ୱାରା ସ୍ୱାବଲମ୍ବୀ ହୋଇପାରିବେ ବୋଲି ତାଲିମଦାତାମାନେ କହିଥିଲେ। ବାଉଁଶରେ ତିଆରି ପାଛିଆ, ଫୁଲ ଟାଙ୍ଗୁଡ଼ି, ଡାଲା, କୁଲା, ଚାରାକୁ ରକ୍ଷା କରିବା ନିମନ୍ତେ ଘୁଡୁରା, ଚେୟାର, ଟେବୁଲ, ପିଲାଙ୍କ ଖେଳନା ଆଦି ପ୍ରସ୍ତୁତ ଶୈଳୀ ପ୍ରଶିକ୍ଷଣ ଦିଆଯାଇଥିଲା। ସୀମା ଭୂୟାଁ, ଝିଲ୍ଲୀ ଯେନା, ସରସ୍ୱତୀ ଭୂୟାଁ, ବାସନ୍ତୀ ଭୂୟାଁ, ଲବଙ୍ଗ ଭୂୟାଁ, ମିଟ ଯେନାଙ୍କ ସମେତ ୧୫ କାରିଗର ତାଲିମ ନେଇଥିଲେ।

# ଘର ଭାଙ୍ଗି ଫସଲ ନଷ୍ଟ କଲେ ହାତୀ



ପାଟଣା,୧୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ୍‌ରେ ୨୨ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ଏହି ହାତୀପଲ ସାହାରପଡା ସେକ୍ସନ ଗୋରାଣ୍ଡି ଯୋଡ଼ି ବିଟ୍ ଅନ୍ତର୍ଗତ ଖୁଞ୍ଜିବେଡା, ଦାସପଡ଼ା ଓ ଟଭାସରୁଆରେ ବୁଧବାର ରାତିରେ ଧାନ, ବୋଇତାଳୁ ଓ ମକା ଚାଷ ନଷ୍ଟ କରିଛନ୍ତି। ଏଥିସହ ବୁଧବାର ରାତିରେ ଏହି ହାତୀପଲ ବଡ଼ବିଲ ପଞ୍ଚାୟତ ଖୁଞ୍ଜିବେଡା ଗ୍ରାମର ଦୁଃଖିଆ ନାଏକଙ୍କ ୫ ବଖରା ଟାଇଲ ଘର, ସୁନେଇ ନାଏକଙ୍କ ୨ ବଖରା ଓ ଦୁଲାଲ ମହାରଣାଙ୍କ ବଖରାଏ ଘରକୁ ହାତୀପଲ ଭାଙ୍ଗି ଦେଇଛନ୍ତି। ହାତୀପଲ ଏବେ ଜଗନ୍ନାଥପୁର କାଜୁ ବଗିଚାରେ ଡେରା ପକାଇଛନ୍ତି। ଘରଭାଙ୍ଗିଥିବା ପ୍ରଭାବିତ ଲୋକଙ୍କ ନିକଟରେ ଗୁରୁବାର ସାହାରପଡ଼ା ବ୍ଲକ ଅଧ୍ୟକ୍ଷା ରୀନା ନାୟକ, ୨୯ ନମ୍ବର ଜୋନ ଜିଲାପରିଷଦର ଜିଲା ପରିଷଦ ସଭ୍ୟ ବୁଦ୍ଧଦେବ ମହାକୁଡ଼ , ରେଞ୍ଜର ଘାସିନାଥ ପାତ୍ର, ସାହାରପଡା ବନପାଳ ମୋହିନୀ ମହାନ୍ତ ପ୍ରମୁଖ ପହଞ୍ଚି କ୍ଷୟକ୍ଷତିର ଆକଳନ କରିଛନ୍ତି। ଗାଁ ନିକଟରେ ହାତୀପଲ ଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି। ବନ ବିଭାଗ ପକ୍ଷରୁ ହାତୀପଲଙ୍କ ଗତିପଥ ଉପରେ ନଜର ରଖାଯାଇଛି।

# ବିଦ୍ୟାଳୟ ପରିସରରେ ବିପଦ ସଂକୁଳ ବିଦ୍ୟୁତ୍ ତାର

ବେତନଟୀ,୧୯(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବେତନଟୀସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଛାତ୍ରୀ ନିବାସ ପରିସର ମଧ୍ୟ ଦେଇ ୧୧ କେଭି ବିଦ୍ୟୁତ୍ ତାର ଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷ ବହୁବାର ଅଭିଯୋଗ କରିବା ପରେ ମଧ୍ୟ ବିଭାଗ ପକ୍ଷରୁ ଏହା ସ୍ଥାନାନ୍ତର କରାଯାଉନାହିଁ। ଏହି ବିଦ୍ୟାଳୟରେ ୪ଶହରୁ ଉର୍ଦ୍ଧ୍ୱ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏଠାରେ ଏକ ଛାତ୍ରୀ ନିବାସ ମଧ୍ୟ ରହିଛି। ୧୧କେଭି ବିଦ୍ୟୁତ୍ ତାର ବିଦ୍ୟାଳୟ ମୁଖ୍ୟ ଗେଟଠାରୁ ଛାତ୍ରୀ ନିବାସ ପର୍ଯ୍ୟନ୍ତ ଯାଇଛି। ଏହି ତାର ତଳେ ଛାତ୍ରୀମାନେ ଖେଳାବୁଲା କରିଥାନ୍ତି। ଏ ସଂକ୍ରାନ୍ତରେ ବିଦ୍ୟାଳୟ ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷକ ବାରମ୍ବାର ସ୍ଥାନୀୟ ବିଦ୍ୟୁତ୍ କାର୍ଯ୍ୟାଳୟରେ ଅବଗତ କରିଥିଲେ ମଧ୍ୟ ଖୁଣ୍ଟ ଏବଂ ତାର ସ୍ଥାନାନ୍ତର କରାଯାଉନାହିଁ। ଫଳରେ ଅଭିଭାବକ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନନ୍ଦ କିଶୋର ଗିରି ଓ ଶିକ୍ଷକ ରବୀନ୍ଦ୍ର କୁମାର ସାମନ୍ତରାୟ କୁହନ୍ତି, ବହୁବାର ଅଭିଯୋଗ ପରେ ମଧ୍ୟ ଖୁଣ୍ଟ ଓ ତାର ସ୍ଥାନାନ୍ତର କରାଯାଉନାହିଁ। ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ଶଶୀଭୂଷଣ ପାଲଙ୍କୁ ପଚାରିବାରୁ ତଦନ୍ତ ସରି ଟେଣ୍ଡର କାମ ବାକି ରହିଛି। ଟେଣ୍ଡର ପରେ ଖୁଣ୍ଟ ଓ ତାର ସ୍ଥାନାନ୍ତର କରାଯିବ ବୋଲି କହିଛନ୍ତି।

# ଚମ୍ପୁଆ ବନାଞ୍ଚଳରେ ୨୯ ହାତୀ

ଯୋଡ଼ା,୧୯(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ ବାମେବାରୀ ଓ ବାଲିବନ୍ଧ ବନାଞ୍ଚଳରେ ପ୍ରାୟ ୨୯ଟି ହାତୀ ବିଚରଣ କରୁଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ବାଲିବନ୍ଧ ସେକ୍ସନରେ ୧୪ଟି ହାତୀ ଥିବା ବେଳେ ବାମେବାରୀ ସେକ୍ସନରେ ଜଳପାପଶି ଅଞ୍ଚଳରେ ୨୦ରୁ ଉର୍ଦ୍ଧ୍ୱ ହାତୀ ରହିଛନ୍ତି। ବନାଞ୍ଚଳରେ ବ୍ୟାପକ ଖଣିଜ ଖନନ, ଜଙ୍ଗଲ କାଟ, ବାରୁଦ ବିସ୍ଫୋରଣ, ବଡ଼ ବଡ଼ ମେଶିନର ଶବ୍ଦ, ହାଇ ଭୋଲ୍ଟ ଲାଇଟ୍ ପ୍ରଭୃତି ପାଇଁ ହାତୀ ପଲ ଜଙ୍ଗଲକୁ ନ ଯାଇ ରାତି ହେଲେ ଜନବସତି ମୁହାଁ ହେଉଛନ୍ତି। ଗ୍ରାମାଞ୍ଚଳ ରାସ୍ତାରେ ଥିବା ସ୍ୱଳ୍ପ ଉଚ୍ଚତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବା ଭୟ ଥିବାରୁ ବନ ବିଭାଗ ଚିନ୍ତାରେ ରହିଛି। ହାତୀ ଗୁଡିକ ଖଣି ସଂଲଗ୍ନ ଅଞ୍ଚଳରେ ଥିଲେ ମଧ୍ୟ ଖଣିରେ ଅନାୟାସ କାର୍ଯ୍ୟ ଚାଲୁ ରହିଛି। ଏହାପ୍ରତି ବନ ବିଭାଗ କୌଣସି ଅଙ୍କୁଶ ଲଗାଇପାରୁ ନାହିଁ ।

**ସୁରକ୍ଷା ନେଇ ଚିନ୍ତାରେ ବନବିଭାଗ**

ସୂଚନାଯୋଗ୍ୟ ଯେ, ଅତୀତରେ ଶିମିଳିପାଳ ଏବଂ ସରଣ୍ଡା ସଂରକ୍ଷିତ ଜଙ୍ଗଲରୁ ହାତୀପଲ ଏକ ନିର୍ଦ୍ଦିଷ୍ଟ ହାତୀ ଚଲାପଥ ଦେଇ ସୁନ୍ଦରଗଡ଼ ଓ ଝାଡ଼ଖଣ୍ଡ ଜଙ୍ଗଲକୁ ଚଳପ୍ରଚଳ କରୁଥିଲେ। ଏବେ ଏହି ଚଳପ୍ରଚଳ ଗତିପଥ ବା କରିଡର୍ ଖଣି ଖନନ ପାଇଁ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ଏହାର ପ୍ରଭାବ ଚମ୍ପୁଆ, ଝୁମ୍ପୁରା ଓ ଯୋଡ଼ା ବ୍ଲକ ବାସୀ ଭୋଗୁଛନ୍ତି । ଏ ସମ୍ପର୍କରେ କେନ୍ଦୁଝର ଡିଏଫଓ ଧନରାଜ ଏଚ୍‌ଡି କହିଛନ୍ତି ପ୍ରତିଦିନ ରେଲୱେ ଓ ବିଦ୍ୟୁତ୍ ବିଭାଗ ସହିତ ସମନ୍ୱୟ ରଖାଯାଉଛି। ଖଣି ଲିଜ୍‌ଧାରୀମାନେ ହାତୀ ର ଗତିବିଧି ସମ୍ପର୍କରେ ବନ ବିଭାଗକୁ ଖବର ଦେଉଛନ୍ତି। ହାତୀ ସ୍କ୍ୱାଡ ଏହା ଉପରେ ନଜର ରଖିଛି।

# ଚାରା ବିକ୍ରି ବଢ଼ିଛି, ଫଳ ଉତ୍ପାଦନ କମିଛି

ଭଦ୍ରକ ଅଫିସ, ୧୯

ଭଦ୍ରକ ଜିଲାର ୮୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭର କରନ୍ତି। ୨୦ ପ୍ରତିଶତ ଲୋକ ପନିପରିବା ଓ ଫଳ ଚାଷ ଉପରେ ନିର୍ଭରଶୀଳ। ଜିଲାରେ ୧ ଲକ୍ଷ ୬୫ ହଜାର ହେକ୍ଟର ଜମିରେ ଧାନ ଚାଷ ହେଉଥିବା ବେଳେ ପନିପରିବା, ଫୁଲ ଓ ଫଳ ଚାଷ ନୈରାଶ୍ୟଜନକ। ଜିଲା ଉଦ୍ୟାନ କୃଷି ବିଭାଗ ସୂଚନା ଅନୁଯାୟୀ, ଜିଲାରେ ମୋଟ ୧ ଲକ୍ଷ ୭୧ ହଜାର ହେକ୍ଟର କୃଷି ଉପଯୋଗୀ ଜମି ରହିଛି। ମାତ୍ର ୧୨୫ ହେକ୍ଟର ଜମିରେ ଫଳ, ଫୁଲ ଓ ପନିପରିବା ଚାଷ କରାଯାଇଥିଲା। ଗତବର୍ଷ ନଭେମ୍ବରରେ ଏହି ଚାଷ ଆରମ୍ଭ ହୋଇଥିଲା। ୧୦୦ ହେକ୍ଟର ଜମିରେ ପନିପରିବା, ୨୦ ହେକ୍ଟର ଜମିରେ ଆମ୍ବ, ୪ ହେକ୍ଟର ଜମିରେ କଦଳୀ ଓ ୧ ହେକ୍ଟର ଜମିରେ ପିଜୁଳି ଚାଷ କରାଯାଇଛି। ଜିଲାରେ ମୋଟ ୬୧୭ ଜଣ ଚାଷୀ ଉଦ୍ୟାନଭିତ୍ତିକ ଚାଷ କରିଛନ୍ତି। ଏହି ବିଭାଗ ଅଧୀନରେ ମୋଟ ୬ଟି ନର୍ସରୀ ରହିଛି। ଭଦ୍ରକ, ଗଣିଜାଙ୍ଗ, ରାଣୀତାଲ, ଚାନ୍ଦବାଲି, ବାସୁଦେବପୁର ଓ ଧାମନଗରରେ ରହିଥିବା ବେଳେ ନର୍ସରୀଗୁଡ଼ିକ ଠିକ୍ ଭାବେ ପରିଚାଳନା ହେଉ ନ ଥିବାରୁ ଫଳ ଉତ୍ପାଦନ କମିଛି।

ଗତ ୩ ବର୍ଷ ମଧ୍ୟରେ ଜିଲାର ଭଦ୍ରକ, ଗଣିଜାଙ୍ଗ, ରାଣୀତାଲ ନର୍ସରୀରେ ଥିବା ଆମ୍ବ, ନଡ଼ିଆ, ସପେଟା ଉଦ୍ୟାନର ଫଳ ବିକ୍ରି କରି ଜିଲା ଉଦ୍ୟାନ କୃଷି ବିଭାଗ ମାତ୍ର ୪୭,୩୦୦ ଟଙ୍କା ରାଜସ୍ୱ ସଂଗ୍ରହ କରିଛି। ରାଣୀତାଲ ନର୍ସରୀ ସର୍ବାଧିକ ୩୪ ହଜାର ଟଙ୍କା ରାଜସ୍ୱ ସଂଗ୍ରହ କରିଥିବା ବେଳେ ଭଦ୍ରକ ନର୍ସରୀରୁ ୯ ହଜାର ଓ ଗଣିଜାଙ୍ଗ ନର୍ସରୀରୁ କେବଳ ଆମ୍ବ ବିକ୍ରି କରି ୪ ହଜାର ଟଙ୍କାର ରାଜସ୍ୱ ସଂଗ୍ରହ କରାଯାଇଛି। ଗତବର୍ଷ ଜିଲାରେ ୬ଟି ନର୍ସରୀରୁ ସର୍ବାଧିକ ୫ ଲକ୍ଷ ୩୩ ହଜାର ଟଙ୍କାର ଚାରା ବିକ୍ରି କରାଯାଇଥିଲା। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ଉଦିତ୍ ରାୟ କହିଛନ୍ତି, କିଛି ବର୍ଷ ହେଲା ସପେଟା ଉଦ୍ୟାନରୁ ଫଳ ଉତ୍ପାଦନ କମିଥିବାରୁ ରାଜସ୍ୱ କମ୍ ଆସୁଛି। ଫଳ ବିକ୍ରି କ୍ଷେତ୍ରରେ ସରକାରୀ ନର୍ସରୀ ପଛରେ ପଡ଼ିଥିଲେ ମଧ୍ୟ ଚାରା ବିକ୍ରିରେ ଯଥେଷ୍ଟ ଆଗରେ ରହିଛି।

# ପାଣି ନିଷ୍କାସନ ନାଳ ଜବରଦଖଲ



ସର୍ଦ୍ଦରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବର୍ଷାପାଣି ଜମିଛି।

ପଦ୍ମପୁର, ୧୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତ ବଡ଼କପାଗଡ଼ିଆ ଛକଠାରୁ କଞ୍ଝୁଡ଼ି ନଦୀ ପର୍ଯ୍ୟନ୍ତ ମୁଖ୍ୟରାସ୍ତାର ଦକ୍ଷିଣ ପାର୍ଶ୍ୱରେ ଏକ ପାଣି ନିଷ୍କାସନ ନାଳକୁ ଜବରଦଖଲ କରାଯାଇଛି। କେତେଜଣ ବ୍ୟକ୍ତି ଜବରଦଖଲ କରି ନାଳ ପୋତି ନିଜର ବ୍ୟକ୍ତିଗତ ସ୍ୱାର୍ଥ ସାଧନ କରୁଛନ୍ତି। ଏପରିକି ବିଭିନ୍ନ ପ୍ରକାର ନିର୍ମାଣ କାମ କରି ଚାଲିଥିବା ଅଭିଯୋଗ ହେଉଛି। ନାଳର ଆରମ୍ଭ ସ୍ଥାନ ଓ ମଧ୍ୟସ୍ଥଳ ନାଳର ଶେଷ ସ୍ଥାନ (ପଦ୍ମପୁର-ବିରସ ରାସ୍ତାର ପଦ୍ମପୁର ଛକ ତ୍ରିଛକିଠାରେ ଏକ କଲଭର୍ଟ ମୁହଁରେ ମାଟି ପକାଇ ଏବଂ ନିର୍ମାଣ କାର୍ଯ୍ୟ କରି ସମ୍ପୂର୍ଣ୍ଣ ଭାବେ ଆବଦ୍ଧ କରାଯାଇଥିବାରୁ ନାଳରେ ବର୍ଷାପାଣି ନିଷ୍କାସନ ହୋଇ ନ ପାରି ୨ଟି ସ୍କୁଲ ସର୍ଦ୍ଦରପୁର ପ୍ରାଥମିକ ଓ ପଦ୍ମପୁର ମାଳତୀଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ରାସ୍ତା ଓ ୭ ଗାଁ ସବୁବେଳେ ଜଳମଗ୍ନ ହୋଇ ରହୁଛି। ଫଳରେ ସ୍କୁଲ ପିଲା ଏବଂ ଲୋକଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଗାଁ ଗଣ୍ଡାର ଖଳାବାଡ଼ି, ରାସ୍ତା ମଧ୍ୟ ପାଣିରେ ବୁଡ଼ି ଯାଉଛି। ଏଣୁ ସରକାରୀ ଭାବେ ମାପଚୁପ କରାଯାଇ ନାଳର ପୁନରୁଦ୍ଧାର, ପକାଯାଇଥିବା ମାଟି ଉଠାଣ ଏବଂ ବେଆଇନ ନିର୍ମାଣ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ତହସିଲଦାର, ଆର୍‌ଆଇ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ବହୁବାର ଲିଖିତ ଭାବେ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ପୂର୍ବତନ ସରପଞ୍ଚ ସଞ୍ଜୀବ କୁମାର ନାୟକଙ୍କ ସମେତ ପଞ୍ଚାୟତବାସୀ କହିଛନ୍ତି।

**୭ ଗାଁ, ୨ ସ୍କୁଲ ପରିସର ଜଳମଗ୍ନ**

# ଭାଇଚାରାର ନବଦିଗନ୍ତ 'ନୂଆଁଖାଇ ଭେଟଭାଟ'



ନୂଆଁଖାଇ ଭେଟଭାଟ ଅବସରରେ ଉପସ୍ଥିତ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖାର କର୍ମକର୍ତ୍ତା।

ଜଳେଶ୍ୱର, ୧୯(ଡି.ଏନ.ଏ.)

ନୂଆଁଖାଇ ଏବେ କେବଳ ପଶ୍ଚିମ ଓଡିଶାରେ ସୀମାବଦ୍ଧ ହୋଇନାହିଁ ବରଂ ଏହା ସମଗ୍ର ରାଜ୍ୟରେ ଭାଇଚାରାର ଏକ ନବଦିଗନ୍ତ ସୃଷ୍ଟି କରୁଛି। ଏ ସମ୍ପର୍କରେ ଗୁରୁବାର ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟଭାଟ ପାଳନ ଅବସରରେ ମତପ୍ରକାଶ ପାଇଛି।

ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ପକ୍ଷରୁ ଭଞ୍ଜଶ୍ରୀ ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ଡ. ଶ୍ରୀକାନ୍ତ ଚରଣ ପାତ୍ର ଅଧ୍ୟକ୍ଷତା କରି ଉତ୍କଳପ୍ରଦେଶ ଗଠନରେ ପଶ୍ଚିମ ଓଡିଶାର ଅବଦାନ ସମ୍ପର୍କରେ କହିଥିଲେ। ମୁଖ୍ୟଅତିଥି ଭାବେ ପଶ୍ଚିମବଙ୍ଗର ଉଦୟ ଭାରତୀ ଅନୁଷ୍ଠାନ ଗବେଷକ ତରୁଣ ସିଂ ମହାପାତ୍ର, ମୁଖ୍ୟବକ୍ତା ଭାବେ ଉତ୍କଳ ସମ୍ମିଳନୀର କେନ୍ଦ୍ରୀୟ ସମ୍ପାଦକ କମଳ ଚକ୍ରବର୍ତ୍ତୀ ଯୋଗଦେଇ ଅଖଣ୍ଡ ଓଡିଶାର ବିକାଶ ଓ ଭାଇଚାର ନୂଆଁଖାଇ ଭେଟଭାଟ ଏକ ମାଧ୍ୟମ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ଡ. ରମାକାନ୍ତ ଭଞ୍ଜ ୧୯୯୨ ମସିହା ଭାଦ୍ର ଶୁକ୍ଳ ପଞ୍ଚମୀ ତିଥିରେ ପଶ୍ଚିମ ଓଡିଶାବାସୀ ପୂର୍ବାହ୍ନରେ ବିଧିବଦ୍ଧ ଭାବେ ପୂଜାପଦ୍ଧତି ଓ ନୂଆ ଚାଉଳରେ ନବାନ୍ନ ପ୍ରସ୍ତୁତ କରି ପରିବାରବର୍ଗ ଆନନ୍ଦ ଉତ୍ସବ ପାଳନ ସହିତ ଅପରାହ୍ନରେ ଗୁରୁଜନଙ୍କୁ ଜୁହାର କରି ଆଶୀର୍ବାଦ ଭିକ୍ଷା କରିଥାନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶରତ ଚନ୍ଦ୍ର ପରିଡା, ଭାଗବତ ପରିଡା, ଅରୁଣ କୁମାର ବେଜ, ଭୋଗରାଇ ଶାଖା ଉପସଭାପତି ସୁଶାନ୍ତ ବେହେରା, ସମ୍ପାଦକ ଅନନ୍ତ ପ୍ରଧାନ ଓ ସୁବାସ ଚାନ୍ଦ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ମନୋରଞ୍ଜନ ଦାସ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସୁନୀଲ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍କଳ ସମ୍ମିଳନୀର ସଭ୍ୟ ପ୍ରାଧ୍ୟାପକ କମଳେଶ କରଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଉପସ୍ଥିତ ସମସ୍ତଙ୍କୁ ନବାନ୍ନ ବଣ୍ଟନ ବଣ୍ଟନ କରାଯାଇଥିଲା । ଏଥିରେ କପିଳେଶ୍ୱର ମହାନ୍ତି, ଦିଲୀପ ଗିରି, ଡ. ଅଜିତ୍ ମହାନ୍ତି, ଫାଲଗୁନୀ ପାଣିଗ୍ରାହୀ, ଇଂ ଶ୍ରୀମନ୍ତ ଘୋଷ, ଅଶୋକ ଦାସ, ବନମାଳୀ ଧଳ, ମୂରଲୀ ଦାସ ଅଧିକାରୀ, ଚନ୍ଦ୍ରମୋହନ ରାଉଳ, ଅଜୟ ପଲେଇ, କ୍ଷିତିଶ ଘୋଷ, ନିରୋଜ ବେହେରା, ଅପର୍ଣ୍ଣ ଚୌଧୁରୀ, ରବୀନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିବା ବେଳେ କାଦମ୍ବିନୀ ଧଳ, ଲକ୍ଷ୍ମୀପ୍ରିୟା ଦାସ, ସଂଘମିତ୍ରା ମୁର୍ମୁ ଓ ମୀରା ପଲେଇଙ୍କୁ ମାନପତ୍ର ଓ ସମ୍ବର୍ଦ୍ଧିତ କରାଯାଇଥିଲା ।

ଧରିତ୍ରୀ
DHARITRI
ଶୁକ୍ରବାର, ୨ ସେପ୍ଟେମ୍ବର ୨୦୨୨



# ଡିଏସ୍‌ପିଙ୍କ ଦ୍ୱାରା ତଦନ୍ତ ଆରମ୍ଭ

**ମଦଦୋକାନ ଜାଳିଦେବା ଘଟଣା**

■ଗାଁ ପୁରୁଷଶୂନ୍ୟ
■ଗିରଫ ହେଲେଣି ୯

ବାହାନଗା, ୧୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖନ୍ତାପଡା ଥାନା ନଇଛଣପୁର ଗ୍ରାମର ସରକାରୀ ଠିପି ଖୋଲା ମଦ ଦୋକାନ ସ୍ଥାନାନ୍ତରକୁ ନେଇ ଗ୍ରାମବାସୀ ବିରୋଧ କରିଛନ୍ତି। ତେବେ ସରକାରୀ ମଦ ଦୋକାନକୁ ପୋଡିଦେବା ଘଟଣାରେ ବାଲେଶ୍ୱର ଡିଏସ୍‌ପି ମାନସ କୁମାର ଦେଓଙ୍କ ଦ୍ୱାରା ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ବେଳେ ସରପଞ୍ଚ ଯଶୋଦା ରାଣୀ ମହାଲିକ, ରଘୁନାଥ ମଲିକ ଓ ମଧୁସୂଦନ ମଲିକ ପ୍ରମୁଖ ଉପସ୍ଥିତ ଥିଲେ । ଗାଁ ଏବେ ପୁରୁଷ ଶୂନ୍ୟ ହୋଇଛି। ରାତିରେ ମହିଳାମାନେ ଭୟରେ ଘରେ ରହୁଛନ୍ତି । ଅଦ୍ୟାବଧି ଗ୍ରାମର ୯ ଜଣଙ୍କୁ ଖନ୍ତାପଡା ଥାନା ପୋଲିସ ଗିରଫ କରିସାରିଲାଣି । ୩୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀଙ୍କ ନାମରେ ଅଭିଯୋଗ ହୋଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୫୨/୨୨) ରୁଜୁ ହୋଇଛି। ଗତ ୨୮ତାରିଖ ରାତିରେ ସରକାରୀ ଠିପି ଖୋଲା ମଦ ଦୋକାନ ସମେତ ଦୋକାନ ମାଲିକଙ୍କ କାର୍‌କୁ ପୋଡିଦେବା ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଦୋକାନୀ ମାଲିକ ରବୀନ୍ଦ୍ର କୁମାର ବିଶ୍ୱାଳ ଖନ୍ତାପଡା ଥାନାରେ ନଇଛଣପୁର ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କ ନାମରେ ଅଭିଯୋଗ କରିଥିଲେ। ତେବେ ଦାଦାବଟି ମାଗିବାକୁ ନେଇ ଏଭଳି କାଣ୍ଡ ଭିଆଇଥିବା ମାଲିକ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଗ୍ରାମବାସୀ କହିଛନ୍ତି ଗ୍ରାମମୁଣ୍ଡରେ ଠିପି ଖୋଲା ମଦ ଦୋକାନ ଖୋଲିବା ଲାଗି ଲୋକଙ୍କ ମତାମତ କିମ୍ବା ଗ୍ରାମସଭା କରାଯାଇ ନ ଥିବା ବେଳେ କିପରି ଗ୍ରାମ ମୁଣ୍ଡରେ ମଦ ଦୋକାନ ଖୋଲିବାକୁ ସରକାର ଅନୁମତି ଦେଲେ । ମାତ୍ର ଦୋକାନୀ କହିଛନ୍ତି, ଦୀର୍ଘ ୪ ବର୍ଷ ହେବ ଯେଉଁଠି ଦୋକନ ଅଛି ସେହି ରାସ୍ତାର ୧ଶହ ମିଟର ଦୂରରେ ପୂର୍ବରୁ ସେହି ଦୋକାନ ଭଡାରେ ଚାଲିଥିଲା । ତେବେ ସେହିଠାରେ ଜମି କିଣି ଘର କରିବା ପରେ ନିଜ ଜମିରେ ଦୋକାନ କରିବା ଫଳରେ ଦାଦାବଟି ମାଗିବାରୁ ସେ ନ ଦେବାରୁ ସେମାନେ ହଇରାଣ କରିବା ସହ ଦୋକାନରେ ତାଲା ପକାଇ ଦେଇଥିଲେ। ଫଳରେ ରବୀନ୍ଦ୍ର ଖନ୍ତାପଡା ଥାନାରେ ଗତ ମେ' ୨୭ ତାରିଖରେ ଅଭିଯୋଗ କରିବା ପରେ ଥାନାରେ ଏକ ମାମଲା(ନଂ.୧୭୩/୨୨) ରୁଜୁ ହୋଇଥିଲା । ସେହି ଘଟଣା ପରେ ବାରମ୍ବାର ଗ୍ରାମବାସୀ ଗଣ୍ଡଗୋଳ କରି ଦୋକାନରେ ତାଲା ପକାଇ ଦେଇଥିଲେ। ଏନେଇ ଦୋକାନୀ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ। ହାଇକୋର୍ଟ ରିଟି ନଂ. ୧୬୦୭୬/୨୦୨୨ରେ ୨୩।୮।୨୦୨୨ ରିଖରେ ଦୋକାନ ଖୋଲିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ପରେ ବାହାନଗା ତହସିଲଦାର ରାଜେନ୍ଦ୍ର ନାରାୟଣ କର ଓ ଖନ୍ତାପଡା ଥାନା ଅଧିକାରୀ ବିମଳ କୁମାର ନାୟକ ସମେତ ୨ ପ୍ଲାଟୁନ ପୋଲିସ୍ ଫୋର୍ସ ସହାୟତାରେ ତାଲା ଭାଙ୍ଗି ଦୋକାନ ଖୋଲିଥିଲେ। ଦୋକାନ ଖୋଲିବାର ଦୁଇ ଦିନ ପରେ ଗ୍ରାମର ଶହ ଶହ ମହିଳା ଅଭିନବ ଢଙ୍ଗରେ ପ୍ରତିବାଦ କରିଥିଲେ। ସେହି ରାତିରେ ମଦ ଦୋକାନ ଓ ମାଲିକଙ୍କ କାର୍‌କୁ ଦୁର୍ବୃତ୍ତମାନେ ପୋଡି ଦେଇଥିଲେ । ଏହି ଘଟଣାରେ ଗାଁରେ ପୋଲିସ ପଇଁତରା ମାରୁଥିବା ବେଳେ ଏବେ ଗାଁ ପୁରୁଷଶୂନ୍ୟ ହୋଇପଡିଛି। ତେବେ ପୋଲିସ ଗ୍ରାମର ୩ ମହିଳା ଓ ୬ ପୁରୁଷଙ୍କୁ ଗିରଫ କରି କୋର୍ଟଚାଲାଣ କରିସାରିଛି।


ନଇଛଣପୁର ଗ୍ରାମରେ ଡିଏସ୍‌ପି ମାନସ କୁମାର ଦେଓ ତଦନ୍ତ କରୁଛନ୍ତି।

## ସଂକ୍ଷେପରେ

### ଅପହୃତା ନାବାଳିକା ପଶ୍ଚିମବଙ୍ଗରୁ ଉଦ୍ଧାର

ବସ୍ତା, ୧୯(ଡି.ଏନ.ଏ.)-ବାଲେଶ୍ୱର ଜିଲା ସିଂଲା ଥାନା ଅଞ୍ଚଳର ଜଣେ ନାବାଳିକା ଓ ଅପହର୍ତ୍ତାଙ୍କୁ ଗୁରୁବାର ପୋଲିସ ପଶ୍ଚିମବଙ୍ଗରୁ ଉଦ୍ଧାର କରିଛି। ୨ ମାସ ହେଲା ଏହି ୧୬ବର୍ଷୀୟା ନାବାଳିକାଙ୍କୁ ବସ୍ତା ଥାନା ବ୍ରାହ୍ମଣଦା ଗ୍ରାମର କମଳାକାନ୍ତ ବେହେରା (୨୨) ଅପହରଣ କରି ପଶ୍ଚିମବଙ୍ଗର ରାମନଗରକୁ ନେଇ ଏକ ଚିଙ୍ଗୁଡ଼ି ଫାର୍ମରେ ରଖିଥିଲେ। ଖବରପାଇ ସିଂଲା ପୋଲିସ ସେଠାରୁ ଉଦ୍ଧାର କରି ଗିରଫ କରିଛି। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୩୬/୨୨) ରୁଜୁ ହୋଇ ତଦନ୍ତ ଚାଲୁ ରହିଛି।

### କୁଶଡ଼ିହାରେ ଚାରାରୋପଣ

ଲଙ୍ଗେଳଶ୍ୱର, ୧୯(ଡି.ଏନ.ଏ.)- ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ଅଧୀନ କୁଶଡ଼ିହା ଗ୍ରାମରେ ସୁସ୍ଥ ପରିବେଶ ଗଠନ ପାଇଁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ୨୦୦ ନଡ଼ିଆ ଚାରାକୁ ଗ୍ରାମର କୁଶଡ଼ିହା ପ୍ରାଥମିକ ବିଦ୍ୟାଳୟ ଏବଂ ଗାଁ ପୋଖରୀ ପାର୍ଶ୍ୱରେ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଦେଉଳା ସରପଞ୍ଚ ସରୋଜ କୁମାର ପିଲା ଶୁଭାରମ୍ଭ କରିଥିଲେ। ଗ୍ରାମର ସମସ୍ତ ମହିଳା ଗ୍ରୁପର ମହିଳା, ଯୁବକ ଏବଂ ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ଚାରାରୋପଣ କରିଥିଲେ।

### ଗଠନ ହେଲା ସରପଞ୍ଚ ସଂଘ

ବାଙ୍ଗିରିପୋଷି,୧୯(ଡି.ଏନ.ଏ.): ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକରେ ଥିବା ୧୯ଟି ଗ୍ରାମପଞ୍ଚାୟତର ସରପଞ୍ଚମାନଙ୍କୁ ନେଇ ଏକ ନୂତନ ସଂଘ ଗଠନ କରାଯାଇଛି। ସଭାପତି ଭାବେ ଚାକିଡି ପଞ୍ଚାୟତର ସରପଞ୍ଚ ବିକ୍ରମ ମୁର୍ମୁ, ଉପସଭାପତି ବୁଢୀଖମାରୀ ସରପଞ୍ଚ ଝରଣା ମାରାଣ୍ଡି, ସମ୍ପାଦକ ବ୍ରାହ୍ମଣଗାଁ ସରପଞ୍ଚ ପ୍ରଦୀପ କୁମାର ସୋରେନ, ସହ ସମ୍ପାଦକ ଗୋଲାମୁଣ୍ଡାକଟା ସରପଞ୍ଚ ଗୌରହରି ନାଏକ ଏବଂ କୋଷାଧକ୍ଷ ଭାବରେ ନିଶ୍ଚିନ୍ତା ସରପଞ୍ଚ ସୁକ୍ରା ସିଂ ନିର୍ବାଚିତ ହୋଇଛନ୍ତି।

### ରୂପ୍‌ସା ଅଟୋ ଚାଳକ ସଂଘର କାର୍ଯ୍ୟକାରିଣୀ ବୈଠକ

ରୂପସା, ୧୯(ଡି.ଏନ.ଏ.) -ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ଡାକବଙ୍ଗଳାଠାରେ ବୁଧବାର ରୂପସା ଅଟୋ ଚାଳକ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାଲଗୋଦାମ ନିକଟରେ ରହୁଥିବା ୩୦ରୁ ଅଧିକ ଅଟୋମାଲିକ ଯୋଗ ଦେଇଥିଲେ। ଏଠାରେ ଏକ ନୂତନ ସଂଘ କାର୍ଯ୍ୟକାରୀ କରାଯିବା ସହିତ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଭଗବାନ ମହାପାତ୍ରଙ୍କୁ ସଭାପତି, ମନୋରଞ୍ଜନ ପ୍ରଧାନଙ୍କୁ ଉପସଭାପତି, ଚନ୍ଦ୍ରଶେଖର ମହାନ୍ତିଙ୍କୁ ସମ୍ପାଦକ ଓ ବରଦା ପ୍ରସନ୍ନ ପଟ୍ଟନାୟକଙ୍କୁ ସଂଘର ଉପଦେଷ୍ଟା ଭାବେ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ପ୍ରଥମ ଦିନରେ ସମସ୍ତ ସଦସ୍ୟମାନେ ନିଶାପାନ ନ କରି ଗାଡ଼ି ଚଳାଇବା ଓ ପ୍ରତିବର୍ଷ ୧୦ଟି ଚାରାରୋପଣ କରିବା ପାଇଁ ଶପଥ ନେଇଥିଲେ। ସଂଘ ମାଧମରେ ସମସ୍ତ ସମସ୍ୟାର ସମାଧାନ ହେବାର ନିଷ୍ପତ୍ତି ହୋଇଥିଲା।

### ପ୍ରଫେସର କମଳେଶ କରଙ୍କ ପରଲୋକ

ଜଳେଶ୍ୱର, ୧୯(ଡି.ଏନ.ଏ.)-ଇତିହାସ ବିଭାଗର ବିଶିଷ୍ଟ ପ୍ରଫେସର କମଳେଶ କରଙ୍କ ୭୭ବର୍ଷ ବୟସରେ ବୁଧବାର ରାତିରେ ପରଲୋକ ଘଟିଛି । ସେ ଦୀନକୃଷ୍ଣ କଲେଜରେ ଅଧାପକ ଥିବା ବେଳେ ୨୦୦୯ ଜାନୁୟାରୀ ୩୧ରେ ନଳଗଜାସ୍ଥିତ ଉପେନ୍ଦ୍ର ନାଥ କଲେଜରୁ ଅଧକ୍ଷ ଭାବେ ଅବସର ଗ୍ରହଣ କରିଥିଲେ । ୫ ଦିନ ପୂର୍ବରୁ ସେ ବାର୍ଦ୍ଧକ୍ୟଜନିତ ରୋଗରେ ଅସୁସ୍ଥ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ଗୁରୁବାର ଜଳେଶ୍ୱରସ୍ଥିତ ସୁବର୍ଣ୍ଣରେଖା ନଦୀକୂଳରେ ଶେଷକୃତ୍ୟ କରାଯାଇଛି । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁଅ ସୁମନ୍ତ, ଝିଅ ମାଧବୀ ଓ ମୋନାଲିସା ଓ ଜ୍ୱାଇଁ ଦେବରାଜ, କୈଳାସ ଓ ପରିବାରବର୍ଗ ଉପସ୍ଥିତ ଥିଲେ । ମୃତ୍ୟୁ ପରେ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, ଡ. ଅଜିତ୍ ମହାନ୍ତି, ସଞ୍ଜୀବ ପାଳ, ଅଶୋକ ପାତ୍ର, ବୀରେନ୍ ପାତ୍ର, ସ୍ୱାଗତିକା ପାଳ, ପୂର୍ବତନ ପୌରପାଳ ସୁନୀଲ ପରିଡା, ଉଦୟ ପରିଡା ପ୍ରମୁଖ ବହୁ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।



## ଧୁମଧାମରେ ହେଲା ପୂଜା



ଢେଙ୍କିକୋଟ, ୧୯(ଡି.ଏନ.ଏ.): କେନ୍ଦୁଝର ଜିଲା ଢେଙ୍କିକୋଟ ଠାରେ ବୁଧବାର ଗଜାନନଙ୍କ ପୂଜା ଧୁମ୍‌ଧାମରେ ପାଳିତ ହୋଇଛି। ଚଳିତ ବର୍ଷ ଶିକ୍ଷା ଦାନ ସାଙ୍ଗକୁ ସ୍କୁଲ, କଲେଜ ଖୋଲିଥିବାରୁ ସମସ୍ତେ ଆନନ୍ଦିତ ହୋଇ ଅଗ୍ରପୂଜ୍ୟଙ୍କୁ ପୂଜା କରିବାର ସୁଯୋଗ ପାଇଛନ୍ତି ଏବଂ ଧୁମଧାମରେ ଡିଜେ ବଜାଇଛନ୍ତି। ଏଠାରେ ବହୁ ପୁରାତନ ପୂଜା ମେଢ଼ ମା'ତାରିଣୀ କ୍ଲବ, ବିନ୍‌ଦାସ କ୍ଲବ, ଜନମଙ୍ଗଳ ଯୁବକ ସଂଘ ଏବଂ ୧୨ ବର୍ଷ ପୂର୍ତ୍ତି ଅବସରରେ ଦୀଲଦାର କ୍ଲବ ସାଙ୍ଗକୁ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ମହା ବିଦ୍ୟାଳୟ ସାଙ୍ଗକୁ ଆର୍ଯ୍ୟଭଟ୍ଟ କୋଚିଂ ସେଣ୍ଟରରେ ଯଥାବିଧିରେ ପୂଜା କରାଯାଇଥିଲା।

# ମହିଳାଙ୍କ ଆଗରେ ପୋଖରୀକୁ ଡେଇଁ ନିଖୋଜ

କେନ୍ଦୁଝର, ୧୯ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଟାଉନ ଥାନା ଅଧୀନ ଶିରିପୁର ଅଞ୍ଚଳରେ ପୋଖରୀକୁ ଡେଇଁ ଜଣେ ବ୍ୟକ୍ତି ନିଖୋଜ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଗୁରୁବାର ସକାଳେ ଏହି ଘଟଣା ଘଟିଥିବା ବେଳେ ବହୁ ଖୋଜାଖୋଜି ପରେ ମଧ ନିଖୋଜ ବ୍ୟକ୍ତିଙ୍କ ପତ୍ତା ମିଳିନାହିଁ। ବ୍ୟକ୍ତି ଜଣଙ୍କ ହେଲେ କଟରାବେଡ଼ା ଗ୍ରାମର କୁନୁ ମାଝି।

ସ୍ତ୍ରୀଙ୍କ କହିବା ଅନୁଯାୟୀ, କୁନୁ ଶିରିପୁର ସାହିରୁ ଆସୁଥିବାବେଳେ ଅସାବଧାନତା ବଶତଃ ରାସ୍ତାପାର୍ଶ୍ୱରେ ଥିବା ପୋଖରୀରେ ପଡ଼ି ଯାଇଥିଲେ। ଅନ୍ୟପଟେ ସ୍ତ୍ରୀଙ୍କ ବଚସା ହେବାରୁ ସେ ପୋଖରୀକୁ ଡେଇଁ ପଡ଼ିଥିବା କୁହାଯାଉଛି। ତେବେ ପ୍ରକୃତ କାରଣ ଜଣାପଡ଼ି ନାହିଁ। ସୂଚନାଯୋଗ୍ୟ, ଏହି ରାସ୍ତା କଡ଼ରେ ଥିବା ପୋଖରୀ କିଛି ମାସ ତଳେ ପୁନରୁଦ୍ଧାର କରାଯାଇଥିଲା। ମେଶିନ ଲଗାଇ ଅଧିକ ଖାଲ କରିଦେବା ଫଳରେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଏହି ରାସ୍ତାରେ କୁନୁ ଯାଉଥିବା ବେଳେ ପଡ଼ିଯାଇଥିବାରୁ ଉଦ୍ଧାର କରିବା କଷ୍ଟକର ହୋଇପଡ଼ିଛି। ଏନେଇ ସ୍ଥାନୀୟ ଲୋକ ଦମକଳ ବିଭାଗକୁ ଖବର ଦେଇଥିଲେ। ଦମକଳ ବାହିନୀ, ଓଡ୍ରାଫ ଟିମ୍ ଉଦ୍ୟମ କରି ମଧ ଖୋଜିବାରେ ବିଫଳ ହୋଇଛନ୍ତି। ପୋଲିସ ଏନେଇ ତଦନ୍ତ ଜାରି ରଖିଛି। ଶିରିପୁର ପୋଖରୀ ଅସୁରକ୍ଷିତ ଭାବେ ଖୋଲା ଯାଇଥିବାରୁ ଉକ୍ତ ରାସ୍ତା ଦେଇ ଯାତାୟାତ କରୁଥିବା ଲୋକଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଏଣୁ ଏହା ଚାରିପାଖରେ ସୁରକ୍ଷା ବାଡ଼ ଦେବା ସହ କିଏ ଓ କାହିଁକି ଉକ୍ତ ପୋଖରୀକୁ ଖନନ କରିଛନ୍ତି ସେନେଇ ସ୍ଥାନୀୟ ଅଞ୍ଚଳବାସୀ ତଦନ୍ତ ଦାବି କରିଛନ୍ତି।


ଅଗ୍ନିଶମ ବାହିନୀ ପୋଖରୀରେ ନିଖୋଜ ବ୍ୟକ୍ତିଙ୍କୁ ଖୋଜୁଛନ୍ତି।

## ମହିଳାଙ୍କୁ ଅଶ୍ଳୀଳ ମେସେଜ୍ ସହ ହତ୍ୟା ଧମକ

**ଯୁବକ ଗିରଫ**

**ସୋର, ୧୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଥାନା ଅଧୀନ ସାଉଡ ଗ୍ରାମର ଜଣେ ମହିଳାଙ୍କୁ ଅଶ୍ଳୀଳ ମେସେଜ ସହ ଜୀବନରୁ ମରିଦେବାକୁ ଧମକ ଦେଇଥିବା ଅଭିଯୋଗରେ ସୋର ପୋଲିସ ଗୁରୁବାର ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଗ୍ରାମର କାହ୍ନୁଚରଣ ସାହୁ(୨୧) ସୋସିଆଲ ମିଡିଆରେ ଅଶ୍ଳୀଳ ମେସେଜ ପଠାଇବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ମହିଳାଜଣଙ୍କ ସୋର ଥାନାରେ ଗତ ମାର୍ଚ୍ଚ ୩୧ତାରିଖରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ସୋର ପୋଲିସ ଏକ ମାମଲା(ନଂ.୧୫୦/୨୨) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ବୁଧବାର ରାତିରେ କାହ୍ନୁ ଘରେ ଥିବା ସୂଚନା ପାଇ ପୋଲିସ ତାଙ୍କ ଘରୁ ଗିରଫ କରିବା ପରେ ଗୁରୁବାର କୋର୍ଟଚାଲାଣ କରିଛି।

# ପ୍ରେମିକଙ୍କୁ ମାଡ଼ମାରି ପ୍ରେମିକାଙ୍କୁ ବଳାତ୍କାର ଉଦ୍ୟମ

ନୀଳଗିରି, ୧୯(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ନୀଳଗିରିର ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱରଠାରେ ପ୍ରେମିକଙ୍କୁ ମାଡ଼ମାରି ପ୍ରେମିକାଙ୍କୁ ଜଙ୍ଗଲ ଭିତରକୁ ଟେକିନେଇ ଦୁର୍ବୃତ୍ତମାନେ ବଳାତ୍କାର ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ସୁରକ୍ଷା କମିଟି ସହାୟତାରେ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି।

ନୀଳଗିରି ଥାନା ଅଧୀନ ପଞ୍ଚଲିଙ୍ଗେଶର ଶୈବପୀଠକୁ ମୟୂରଭଞ୍ଜ ଜିଲାରୁ ଜଣେ ଯୁବକ ଜଣେ ଯୁବତୀଙ୍କୁ ଧରି ବୁଲି ଆସିଥିଲେ। ହେଲେ କେତେଜଣ ଯୁବକ ଉକ୍ତ ଯୁବକଙ୍କୁ ମାଡ଼ ମାରି ଯୁବତୀଙ୍କୁ ଜଙ୍ଗଲକୁ ଟେକି ନେଇଥିଲେ। ସେଠାରେ ବଳାତ୍କାର ଉଦ୍ୟମ କରିଥିବା ବେଳେ ସୁରକ୍ଷା କମିଟି ତରଫରୁ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ପଞ୍ଚଲିଙ୍ଗେଶ୍ୱର ବିଟ୍ ହାଉସରେ ପୋଲିସ ତଦନ୍ତ କରି ୨ ଯୁବକଙ୍କୁ ଅଟକ ରଖିଛି। ଏଥିରେ ଅନ୍ୟ କେତେଜଣ ଯୁବକ ସାମିଲ ଥିବା ପୋଲିସ ସନ୍ଦେହ କରି ଖୋଜାଖୋଜି କରୁଥିବା ଜଣାପଡିଛି।

# ୫-ଟି କାର୍ଯ୍ୟରେ ଦଳୀୟ ନେତୃବୃନ୍ଦଙ୍କ ସମ୍ପୃକ୍ତିକୁ ବିରୋଧ

ଖଇରା, ୧୯(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଗଡପୋଖରୀ ପଞ୍ଚାୟତ ଅଧୀନ ଗଗୁଆ ସେବାଶ୍ରମ ୫-ଟିରେ ଅନ୍ତର୍ଭୁକ୍ତ ହେବା ପରେ ଏହାର ଭୂମିପୂଜନ ନିକଟରେ ଶେଷ ହୋଇଯାଇଛି। ହେଲେ ପାଖାପାଖି ୪୫ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଏହି କାର୍ଯ୍ୟର ତଦାରଖ ଦାୟିତ୍ୱ ଜଣେ ଦଳୀୟ ଲୋକଙ୍କୁ ଦିଆଯିବାକୁ ମସୁଧା ଚାଲିଥିବରୁ ଏହାକୁ ସ୍ଥାନୀୟ ଗ୍ରାମବାସୀ ତଥା ସ୍ଥାନୀୟ ଲୋକପ୍ରତିନିଧିମାନେ ବିରୋଧ କରିଛନ୍ତି । ଏ ସମ୍ପର୍କରେ ଏକ ଲିଖିତ ଅଭିଯୋଗ ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଗଜେନ୍ଦ୍ର ପ୍ରସାଦ ଦାସ, ସରପଞ୍ଚ ଟିଙ୍କିରାଣି ସେଠୀ, ସମିତିସଭ୍ୟ ଶତ୍ରୁଘ୍ନ ସେଠୀ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟା କଳ୍ପନା ନାଇକଙ୍କ ସମେତ ଶତାଧିକ ଗ୍ରାମବାସୀ ଖଇରା ବିଡିଓଙ୍କୁ ପ୍ରଦାନ କରିଛନ୍ତି । ପୂର୍ବରୁ ଆସିଥିବା ଅନେକ ଅର୍ଥ ଖର୍ଚ୍ଚରେ ଅନିୟମିତତାକୁ ନେଇ ଗ୍ରାମବାସୀ ଜିଲାପାଳଙ୍କୁ ଅଭିଯୋଗ କରିଥିବା ବେଳେ ପୁଣି ଏବେ ଆସିଥିବା ଖର୍ଚ୍ଚକୁ ଦଳୀୟ ଭିତ୍ତିରେ ଲୋକଙ୍କୁ ନ ଦେଇ ସ୍ଥାନୀୟ ଗ୍ରାମବାସୀଙ୍କୁ ଦିଆଯାଉ କିମ୍ବା ବିଡିଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯିବାକୁ ଦାବି କରିଛନ୍ତି । ବିଦ୍ୟାଳୟ ସଂଲଗ୍ନ ଗ୍ରାମ ଗଗୁଆ, ଗୁଆପାଳ ଗ୍ରାମର ଅଧିବାସୀଙ୍କ ତରଫରୁ ଏହି ଅଭିଯୋଗ କରାଯାଇଛି ।

## ମେଡିକାଲ ଆଗରେ ବସିଲେ ଦମ୍ପତି

### ଶିଶୁର ମୃତଦେହ ଗାଁକୁ ନେବାକୁ ଅର୍ଥ ନାହିଁ

**ବାରିପଦା ଅଫିସ,୧୯:** ବାରିପଦା ପିଆର୍‌ଏମ୍ ମେଡିକାଲ ଓ କଲେଜରେ ମୃତ୍ୟୁବରଣ କରିଥିବା ନବଜାତ ଶିଶୁର ମୃତଦେହ ଗାଁକୁ ନେବା ପାଇଁ ଗୁରୁବାର ରାତିରେ ମେଡିକାଲ ସମ୍ମୁଖରେ ଖଡିଆ ଦମ୍ପତି ଶଙ୍କର ନାଏକ ଓ ତାଙ୍କ ସ୍ତ୍ରୀ ଚୁମକି ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ରହିବା ଚର୍ଚ୍ଚାର ବିଷୟ ହୋଇଛି। ଘରକୁ ଯିବା ପାଇଁ ସେମାନଙ୍କ ପାଖରେ ଅର୍ଥ ନ ଥିବାରୁ ସ୍ୱର୍ଗରଥ ଅପେକ୍ଷାରେ ଉଭୟ ଜଗି ରହିଥିବା ଦେଖିବାକୁ ମିଳିଥିଲା।

# ରଶ୍ମିତା ବିଜୁ ମହିଳା ଜନତା ଦଳର ରାଜ୍ୟ ସମ୍ପାଦିକା


ରାଜ୍ୟ ସମ୍ପାଦିକା ରଶ୍ମିତା ନାୟକ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କୁ କୃତଜ୍ଞତା ଜଣାଉଛନ୍ତି।

ବାସୁଦେବପୁର, ୧୯(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବିଜୁ ମହିଳା ଜନତା ଦଳର ଟାଣୁଆ ନେତ୍ରୀ ରଶ୍ମିତା ନାୟକ ଦଳର ରାଜ୍ୟ ସମ୍ପାଦିକା ଭାବେ ମନୋନୀତ ହୋଇଛନ୍ତି। ଏହା ପୂର୍ବରୁ ସେ ଦଳର ଜିଲା ସମ୍ପାଦିକା ଭାବେ କାର୍ଯ୍ୟ ତୁଲାଉଥିଲେ। ତାଙ୍କର ସାଙ୍ଗଠନିକ ଦକ୍ଷତା ଉପରେ ଦଳ ଅଧିକ ଭରଷା କରି ତାଙ୍କୁ ରାଜ୍ୟ ସମ୍ପାଦିକା ଦାୟିତ୍ୱ ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଗୁରୁବାର ବାସୁଦେବପୁରସ୍ଥିତ ବିଜେଡି କାର୍ଯ୍ୟାଳୟରେ ସେ ବିଧାୟକ ରାଉତରାୟଙ୍କୁ ପୁଷ୍ପଗୁଚ୍ଛ ଦେଇ କୃତଜ୍ଞତା ଜଣାଇଛନ୍ତି। ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଧାୟକ ପ୍ରତିନିଧି ଅସିତ ଦାଶ ଓ ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ ଉପସ୍ଥିତ ଥିଲେ। ବିଜେଡି ଓ ବିଜୁ ମହିଳା ଜନତା ଦଳର ସଙ୍ଗଠନକୁ ଅଧିକ ମଜଭୁତ କରିବା ପାଇଁ ସେ ନିରନ୍ତର ଉଦ୍ୟମ କରିବେ ବୋଲି ରଶ୍ମିତା କହିଛନ୍ତି।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଧାମନଗର, ୧୯ (ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ କରଦା ନୋଡାଲ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବି ନାରାୟଣ ପତିଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ନିରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପତିଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ପ୍ରଶାନ୍ତ କୁମାର ବିଶ୍ୱାଳ, ପୂର୍ବତନ ସମିତିସଭ୍ୟ କୁଳମଣି ବେହେରା, ସରପଞ୍ଚ ମମତା ଆଚାର୍ଯ୍ୟ, ସମିତିସଭ୍ୟା ଅଲିଭା ରାଣୀ ଦାସ, ବିଜୟ ସୁତାର, ସନ୍ତୋଷ ସେଠୀ, ଅଶୋକ ଦାସ, ଆନନ୍ଦ ସାହୁ, ମନ୍ମଥ ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲୀପ ସାହୁ, ସବିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ମୀନାରାଣୀ ଦାସ, ରାଜଲକ୍ଷ୍ମୀ ଶତ୍‌ପଥୀ, ତୃପ୍ତିଲତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରଦୀପ ଦାସ ଅତିଥି ପରିଚୟ ପ୍ରଦାନ, ପ୍ରଧାନଶିକ୍ଷକ ପ୍ରଦୀପ ନାୟକ ପ୍ରାରମ୍ଭିକ ସୂଚନା ଓ ରାଜେଶ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା।


ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥିମାନେ।

## କୁଡ଼ୁମୀ ଦେଶ କରମ ପରବ୍ ପାଇଁ ଜାୱା ଉଠିଲା

ପାଟଣା, ୧୯(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସାହାରପଡା ବ୍ଲକ କପୁଣ୍ଡି ପଞ୍ଚାୟତ ଧାନ ବେଣୀ ପଡ଼ିଆରେ ବୁଧବାର କୁଡ଼ୁମୀ ଜାତିର ସ୍ୱତନ୍ତ୍ର ଉଲ୍ଲେଖନୀୟ କୃଷିଭିତ୍ତିକ ପର୍ବ ଦେଶ କରମ ବୁଧବାର ଠାରୁ ଆରମ୍ଭ ହୋଇଛି। କୁଡ଼ୁମୀ ଜାତିର କୁଆଁରୀ ଝିଅ ମାନେ ଧାନ ବେଣୀ ସନ୍ନିକଟ ବୈତରଣୀରୁ ଗୀତ ଗାଇ ନୀତିକାନ୍ତିରେ ଜାୱା ଉଠାଇ ଜାୱାକୁ ଧାନବେଣୀ ମଣ୍ଡପ ନିକଟରେ ସ୍ଥାପିତ କରିଛନ୍ତି। ସୂଚନା ଯେ, ଏହି ଦେଶ କରମ ପୂଜା ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଦେଶ କରମ ପର୍ବର ସଭାପତି ଜୟନ୍ତୀ ମହାନ୍ତଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ମମତା ମହାନ୍ତ, ମୁଖ୍ୟବକ୍ତା ଭାବେ ପଶ୍ଚିମବଙ୍ଗ ପୁରିଲିଆର ନଗେନ ପୁନି ରିଆର, ସମ୍ମାନିତ ଅତିଥି ଭାବେ ଓଡିଶା ଦେଶ କରମ କମିଟି ସଭାପତି ରାଇରଙ୍ଗପୁରର ନବୀନ କିଶୋର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସଭା କାର୍ଯ୍ୟକୁ ମନୋଜ ମହାନ୍ତ ପରିଚାଳନା କରିଥିଲେ। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବାର କାର୍ଯ୍ୟକ୍ରମ ରହିଛି।

# ଜଳସେଚନ କାର୍ଯ୍ୟାଳୟରେ ନାହାନ୍ତି ଅଧିକାରୀ


ଆଗରପଡା ଜଳସେଚନ କାର୍ଯ୍ୟାଳୟ।

**ନିରାଶ ହୋଇ ଫେରୁଛନ୍ତି ଚାଷୀ**

ଭଦ୍ରକ ଅଫିସ,୧୯

ଭଦ୍ରକ ଜିଲା ଅନ୍ତର୍ଗତ ଆଗରପଡ଼ା ଜଳସେଚନ କାର୍ଯ୍ୟାଳୟ ଅଧିକାଂଶ ସମୟ ବନ୍ଦ ରହୁଥିବା ଦେଖାଯାଉଛି। କାର୍ଯ୍ୟାଳୟରେ କର୍ମଚାରୀ କିମ୍ବା ଅଧିକାରୀ ରହୁନାହାନ୍ତି। ବିଭିନ୍ନ କାମରେ ଚାଷୀ ମାନେ କାମରେ ଆସି ନିରାଶ ହୋଇ ଫେରୁଛନ୍ତି। ସର୍ବନିମ୍ନ ୧୭ ଜଣ କର୍ମଚାରୀଙ୍କ ଆବଶ୍ୟକତା ଥିବା ବେଳେ ୨ ଗୋଟି ସେକ୍ସନର ମାତ୍ର ଜଣେ ସହକାରୀ ଯନ୍ତ୍ରୀଙ୍କୁ ନେଇ ଚାଲୁଛି ଅଫିସ। ଶାଳପଡ଼ା ଡ଼ିଭିଜନ ଅଧୀନ ଆଗରପଡ଼ାର ୩ନଂ ଓ ୪ନଂ ସେକ୍ସନ ଅଧୀନରେ ୨୮ ଗୋଟି ମାଇନର କାର୍ଯ୍ୟ କରୁଛି। ଏହି ୨୮ ଗୋଟି କେନାଲର ବନ୍ଧ ମରାମତି, ବର୍ଷା ଦିନରେ ସୃଷ୍ଟି ହେଉଥିବା ଘାଇ ବାନ୍ଧିବା ଆଦି ବିଭିନ୍ନ କାର୍ଯ୍ୟ ବାକି ପଡ଼ିଥିବା ବେଳେ ଚାଷୀ ମାନଙ୍କ ସମସ୍ୟା ଶୁଣିବା ପାଇଁ କାର୍ଯ୍ୟାଳୟରେ କେହି ରହୁନାହନ୍ତି। ପାଣି ପଞ୍ଚାୟତ ମାଧମରେ କରାଯାଉଥିବା ଚେକ୍‌ଡ୍ୟାମ୍, କଲଭର୍ଟ, ରାସ୍ତା, ପ୍ରୋଟେକ୍ସନ ୱାଲ ଆଦି କାର୍ଯ୍ୟ ଠିକ ଭାବେ ତଦାରଖ ହୋଇ ପାରୁ ନାହିଁ। ଏସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଇଂ ପଦ୍ମପ୍ରିୟ ସାମଲ କହିଛନ୍ତି କର୍ମଚାରୀ ନିଯୁକ୍ତି ହୋଇ ନ ଥିବାରୁ ପ୍ରତ୍ୟେକ କାର୍ଯ୍ୟ ଅଧପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ସେ ନିଜେ ଅନେକ ସମୟ କ୍ଷେତ୍ର ପରିଦର୍ଶନରେ ଯାଉ ଥିବାରୁ ଅଫିସ ଖୋଲିବା ସମ୍ଭବପର ହେଉ ନାହିଁ। କର୍ମଚାରୀ ନ ଥିବା ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି।

